## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ଯୁବକ ମୃତ

**ରାଉରକେଲା ଅଫିସ,୭।୬:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ତରକେରା ଡ୍ୟାମ୍‌କୁ ମାଛ ଧରିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କ୍ରିଷ୍ଣା ପ୍ରସାଦ(୨୭)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୬।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ରଘୁନାଥପାଲି ଥାନା ଅନ୍ତର୍ଗତ ତରକେରା ଅଞ୍ଚଳର କ୍ରିଷ୍ଣା ଗତ ୫ ତାରିଖ ସାଢ଼େ ୧୧ଟା ସମୟରେ ତରକେରା ଡ୍ୟାମ୍‌କୁ ମାଛ ଧରିବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ଘରଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ମଙ୍ଗଳବାର ସକାଳ ସାଢ଼େ ୭ଟାରେ ଗର୍ଜନ ନଦୀ କୂଳରେ କ୍ରିଷ୍ଣାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

### ଅଟୋରୁ ଖସି ଚିକିତ୍ସାଧୀନ ଯୁବକ ମୃତ

**ରାଉରକେଲା ଅଫିସ,୭।୬:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବାରଘାଟ ଛକ ନିକଟରେ ଜଣେ ବ୍ୟକ୍ତି ଅଟୋରୁ ଖସି ପଡିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚମ୍ପୁରୁ ଓରାମ(୪୮)। ପୋଲିସ ଏ ନେଇ ଏକ ମାମଲା (ନଂ.୪୫।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଚମ୍ପୁରୁ ଗତ ୪ତାରିଖ ସନ୍ଧ୍ୟାବେଳେ ନିକଟସ୍ଥ ହାଟରୁ ପରିବା ନେଇ ଏକ ଅଟୋ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ସେ ବାରଘାଟ ଛକ ନିକଟରେ ଅଟୋରୁ ଖସି ପଡିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ଆରଜିଏଚ୍‌କୁ ଓ ପରେ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମଙ୍ଗଳବାର ସକାଳେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଗୌରବଙ୍କୁ ସମ୍ବର୍ଦ୍ଧନା



**ସୁନ୍ଦରଗଡ,୭।୬(ଡି.ଏନ.ଏ.):** ସିଭିଲ ସର୍ଭିସ ପରୀକ୍ଷାରେ ୮୬ତମ ର୍‍ୟାଙ୍କ ରଖି ସଫଳତା ହାସଲ କରିଥିବା ସୁନ୍ଦରଗଡ ଟାଉନର ଗୌରବ ଅଗ୍ରୱାଲଙ୍କୁ ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁଙ୍କ ସଭାପତିତ୍ୱରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଗୌରବଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସିଭିଲ ସର୍ଭିସ ପରୀକ୍ଷାରେ ଗୌରବଙ୍କ ଏହି ସଫଳତା ସୁନ୍ଦରଗଡ ପାଇଁ ଗୌରବର ବିଷୟ ବୋଲି ପ୍ରକାଶ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗୌରବ ତାଙ୍କ ବକ୍ତବ୍ୟରେ ମାଆବାପା, ଗୁରୁଜନ ଓ ବରିଷ୍ଠ ନାଗରିକମାନଙ୍କ ଆର୍ଶୀବାଦ ଓ ପ୍ରେରଣା ତାଙ୍କୁ ଏହି ସଫଳତା ଦେଇଛି ବୋଲି କହିଥିଲେ। ଉତ୍ତମ ଦେଶସେବା ସହ ସୁନ୍ଦରଗଡର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ଗୌରବ କହିଥିଲେ।ଏହି ସଭାରେ ଗୌରବଙ୍କ ମାଆ କିରଣ ଅଗ୍ରୱାଲ, ବାପା ସଜ୍ଜନ ଅଗ୍ରୱାଲ,ବଡବାପା ତଥା ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶୀଲ ଅଗ୍ରୱାଲ ଉପସ୍ଥିତ ଥିଲେ। ସଂଘର ସମସ୍ତ ସଦସ୍ୟ,ଭବାନୀ ଶଙ୍କର ସରକାରୀ ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସମୀର କୁମାର କର ସଭା ସଞ୍ଚାଳନ କରିଥିଲେ। ଚିରବ୍ରତ ଦତ୍ତ ସ୍ୱାଗତ ଅଭିଭାଷଣ ଓ ନୀଳମଣି କିଷାନ ଧନ୍ୟବାଦ ଦେଇଥିଲେ।

# ଅଗଷ୍ଟରୁ ଖୋଲିବ କୋଇଡ଼ା ସରକାରୀ ଆଇଟିଆଇ

**ଟେନସା,୭।୬(ଡି.ଏନ.ଏ.)**




ସୁନ୍ଦରଗଡ଼ ଜିଲା କୋଇଡା ଖଣି ପ୍ରଭାବିତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ କୋଇଡା ସରକାରୀ ଆଇଟିଆଇ ପ୍ରତିଷ୍ଠା କରାଯାଇଛି। ଖଣି ପ୍ରଭାବିତ ଅଞ୍ଚଳର ପିଲାଙ୍କୁ ଉତ୍ତମ ଶିକ୍ଷା ଯୋଗାଇ ଦେବା ଏହାର ମୂଳ ଲକ୍ଷ୍ୟ । ଏହି ସ୍ୱପ୍ନ ଏବେ ପୂରଣ ହେବାକୁ ଯାଉଛି । ଏହି ଶିକ୍ଷାନୁଷ୍ଠାନରେ ଆସନ୍ତା ଜୁଲାଇରେ ପ୍ରଥମ କରି ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବ । ଅଗଷ୍ଟ ମାସରୁ ପାଠ ପଢ଼ା ଆରମ୍ଭ ହେବ ବୋଲି କୋଇଡା ଆଇଟିଆଇର ଅଧ୍ୟକ୍ଷ ଦେବାଶିଷ ବିଶି ପ୍ରକାଶ କରିଛନ୍ତି। ଏ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ।

ରାଜ୍ୟରେ ୨୦୨୧ ସୁଦ୍ଧା ନିର୍ମାଣ ହୋଇଥିଲା ୪୯ଟି ସରକାରୀ ଆଇଟିଆଇ କଲେଜ । ସେଥିମଧ୍ୟରୁ ସୁନ୍ଦରଗଡ଼ ଜିଲା କୋଇଡା ଖଣି ଅଞ୍ଚଳରେ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୨କୋଟି ବ୍ୟୟ ଅଟକଳରେ ୨୦୧୭-୧୮ ବର୍ଷରେ ନିର୍ମାଣ ହୋଇଥିଲା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର। ଇତିମଧ୍ୟରେ ପାଚେରି, ରାସ୍ତା, ଓ ବିଦ୍ୟୁତ ସଂଯୋଗୀକରଣ ଶେଷ ହୋଇଛି। ଶିଳ୍ପ ତାଲିମ କେନ୍ଦ୍ର ନିର୍ମାଣ ଶେଷ ହେବା ପରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି ଆଇଟିଆଇକୁ ବଡ଼ ଧୂମଧାମରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ହେବାର ଦୁଇ ବର୍ଷ ବିତି ଯାଇଥିଲେ ମଧ ଏହା ନ ଖୋଲିବାରୁ ବିଭିନ୍ନ ମହଲରେ ପ୍ରଶ୍ନ ଉଙ୍କି ମାରିଥିଲା। ଏହି କଳ୍ପନା ଜଳ୍ପନାର ଏବେ ଶେଷ ହୋଇଛି । ଏହି ଆଇଟିଆଇ ଖୋଲିବା ନେଇ ଖଣି ପ୍ରଭାବିତ ଆଦିବାସୀ ଛାତ୍ରୀଛାତ୍ରଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି। ଏବେ କୋଇଡା ଅଞ୍ଚଳର ଛାତ୍ରୀଛାତ୍ର ବାହାର ଜିଲା କିମ୍ବା ବାହାର ରାଜ୍ୟ ନ ଯାଇ ନିଜ ଅଞ୍ଚଳରେ ଶିଳ୍ପ ତାଲିମ ନେଇପାରିବେ ।

ମିଳିଥିବା ସୂଚନା ଅନୁଯାୟୀ, ନୂଆଦିଲ୍ଲୀ ଗୁରୁଗାଁସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ସ୍କିଲ ଡେଭଲମେଣ୍ଟ ପ୍ରାଇଭେଟ ଲିମିଟେଡ଼ ନାମକ ଏକ ସଂସ୍ଥା ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ତାଲିମ ଦେବା ସହ ପାଠ ପଢ଼ାଇବା ଦାୟିତ୍ୱ ତୁଲାଇବ। ଏହି ସମୟ ମଧ୍ୟରେ ଶିକ୍ଷକଙ୍କ ଦରମା ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଖର୍ଚ୍ଚକୁ ଓଡ଼ିଶା ମାଇନିଂ କର୍ପୋରେଶନ ବହନ କରିବେ ବୋଲି ଓଡ଼ିଶା ମାଇନିଂ କର୍ପୋରେଶନ କୋଇଡା ର ଆଞ୍ଚଳିକ ଅଧିକାରୀ ପି.କେ ସାହୁ ପ୍ରକାଶ କରିଛନ୍ତି।

# ଗଞ୍ଜେଇ ଜବତ, ୪ ଗିରଫ

**ଝାରସୁଗୁଡ଼ା ଅଫିସ,୭।୬**

ଝାରସୁଗୁଡ଼ା ରେଳ ଷ୍ଟେଶନରେ ସୋମବାର, ମଙ୍ଗଳବାର ଆର୍‌ପିଏଫ୍ ଓ ଅବକାରୀ ପକ୍ଷରୁ ଚଢାଉ ହୋଇଥିଲା। ଏହି ସମୟରେ ୪୭ କିଗ୍ରା ଗଞ୍ଜେଇ ଜବତ କରାଯାଇ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶର ସତ୍ୟମ କୁମାର, ଝାଡ଼ଖଣ୍ଡର ରୂପେଶ କୁମାର, ବିହାରର ଗୁଞ୍ଜୁ କୁମାର ଓ କୁନ୍ଦନ କୁମାର। ଅଭିଯୁକ୍ତମାନେ ଷ୍ଟେଶନରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ଝାରସୁଗୁଡ଼ା ଆର୍‌ପିଏଫ୍ ଓ ସମ୍ବଲପୁର ଅବକାରୀ (ଗୋଇନ୍ଦା) ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଏ ନେଇ ଜିଆର୍‌ପି ପକ୍ଷରୁ ପୃଥକ୍ ମାମଲା (ନଂ.୧୩୪ ଓ ୧୩୫/୨୨) ରୁଜୁ ହୋଇଛି।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

# ସବୁ ବର୍ଗର ହିତ ପାଇଁ କେନ୍ଦ୍ରୀୟ ଯୋଜନା: ଭାଜପା

**ଦେବଗଡ଼,୭।୬(ଡି.ଏନ.ଏ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରର ୮ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ସମଗ୍ର ଦେଶରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା ଭାଜପା ପକ୍ଷରୁ ମଧ ଏହି ପର୍ବ ପାଳିତ ହୋଇଯାଇଛି। ଏହି ଆଠ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ସମସ୍ତ ବର୍ଗର ଲୋକଙ୍କ ହିତ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମତପ୍ରକାଶ ପାଇଥିଲା। ସେହିପରି ଆଦିବାସୀ, ମହିଳା ଓ ଅଳ୍ପ ସଂଖ୍ୟକଙ୍କ ସମେତ ସମାଜର ବିଭିନ୍ନ ସ୍ତରରେ ବାସ କରୁଥିବା ଲୋକଙ୍କ ଉତ୍‌ଥାନ ପାଇଁ ଯାତ୍ରା ଅବ୍ୟାହତ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡିଶାକୁ ୨୬ ଲକ୍ଷ ବାସଗୃହ ଯୋଗାଇ ଦିଆଯାଇଥିବା ବେଳେ ୧୬.୦୫ ଲକ୍ଷ ବାସଗୃହ ନିର୍ମିତ ହୋଇସାରିଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ଓଡିଶାରେ ୭୧ଲକ୍ଷ ପାଇଖାନା ନିର୍ମାଣ ହୋଇ। ଓଡିଶାର ୨.୪୫ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ରୋଷେଇ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ଗ୍ୟାସ୍ ଯୋଗାଇ ଦିଆଯାଇଛି। ସୌଭାଗ୍ୟ ଯୋଜନାରେ ୫.୨୩ କୋଟି ଏଲ୍‌ଇଡି ବଲ୍‌ବ ବିତରଣ କରାଯାଇଛି। ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡିଶାରେ ୩.୨୪ କୋଟି ହିତାଧିକାରୀ ଉପକୃତ ହୋଇଛନ୍ତି। କିଷାନ ସମ୍ମାନ ନିଧି ଯୋଜନାରେ ଓଡିଶାର ୪୦.୫୪ ଲକ୍ଷ କୃଷକ ପରିବାରକୁ ୭୦୯୭ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପିଏମ୍ ଜନଧନ ଯୋଜନାରେ ୧.୮୭ କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇପାରିଛି। ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ଭାରତ ବର୍ଷକୁ ବିଶ୍ୱଗୁରୁ ରୂପେ ପୁନଃ ସ୍ଥାପିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ ଚଳାଇଛନ୍ତି ବୋଲି ମଙ୍ଗଳବାର ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୀନକେତନ ପ୍ରଧାନ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ତଥା ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଯୁବମୋର୍ଚ୍ଚା ସବାପତି ସନ୍ତୋଷ କୁମାର ଭୁତିଆ ଓ ଦେବଗଡ ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡି ଜିଲାରେ ଭୁଷୁଡି ପଡିଛି ଶିକ୍ଷା ବ୍ୟବସ୍ଥା

**ଭବାନୀପାଟଣା,୭।୬(ସ୍ୱ.ପ୍ର.)**

**ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ**

ଦିନକୁ ଦିନ କଳାହାଣ୍ଡି ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଛି ବୋଲି ମଙ୍ଗଳବାର ଭବାନୀପାଟଣାସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟରେ ଦୀଘ ୨୨ ବର୍ଷ ହେଲା ବିଜେଡି ସରକାର ଶାସନ କରୁଛନ୍ତି। ହେଲେ ଶିକ୍ଷା ପ୍ରତି ଧ୍ୟାନ ଦେଉନାହାନ୍ତି। ୫-ଟି ଜରିଆରେ ସ୍କୁଲଗୁଡ଼ିକର ରୁପାନ୍ତୀକରଣ କରାଯାଉଛି। ହେଲେ ସ୍କୁଲରେ ଶିକ୍ଷକ ନାହାନ୍ତି, ପିଲା ପାଠ ପଢିବେ କିପରି। ସରକାର କେବଳ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି । ଏହାକୁ ନେଇ କଳାହାଣ୍ଡି ଯୁବ ଓ ଛାତ୍ର ଦୃଢ ପ୍ରତିବାଦ କରିବ। ଆଗାମୀ ଦିନରେ ରାଜ୍ୟ ସରକାର ଏହି ସମସ୍ୟା ପଦକ୍ଷେପ ଗ୍ରହଣ ନ କଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସମ୍ମିଳନୀରେ ଦଳୀୟ ନେତା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ଜିଲା ଯୁବ କଂଗ୍ରେସ ଉପସଭାପତି ଲିଙ୍ଗରାଜ ବେହେରା, ପିଣ୍ଟୁ ଅଗ୍ରୱାଲ, ଜିଲା ଛାତ୍ର ସଭାପତି ସୁଶାନ୍ତ କୁମାର ପ୍ରଧାନୀ, ସଦର ବ୍ଲକ ସଭାପତି ସୁବାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଧିଷ୍ଠିର ପ୍ରଧାନ ସଭାପତି, ପ୍ରକାଶ ଆଚାର୍ଯ୍ୟ ସମ୍ପାଦକ

**ରିଆମାଳ ବ୍ଲକ ସରପଞ୍ଚ ସଂଘ**

**ରିଆମାଳ,୭।୬(ଡି.ଏନ୍.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକର ସମସ୍ତ ୨୬ଟି ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ମଙ୍ଗଳବାର ଲୁଲୁଙ୍ଗ ଗ୍ରାମପଞ୍ଚାୟତ ନିକଟ ଆମ୍ବ ବଗିଚାଠାରେ ଏକ ବୈଠକ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ଲୁଲୁଙ୍ଗ ସରପଞ୍ଚ ଯୁଧିଷ୍ଠିର ପ୍ରଧାନ ସଭାପତି ଓ ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଗଲା। ବୈଠକରେ ଗ୍ରାମପଞ୍ଚାୟତରେ ହେଉଥିବା ସମସ୍ୟା, ପ୍ରଶାସନିକ ସହଯୋଗ ବିଷୟରେ ଆଲୋଚନା ହୋଇଥିଲା। ଏସବୁ ପ୍ରସଙ୍ଗକୁ ନେଇ ବିଡିଓଙ୍କ ସହ ପରାମର୍ଶ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ରଥ ନୋଡାଲ ସ୍କୁଲରେ ବିଶ୍ୱ ପରିବେଶ ଦିବସ




ରଥ ନୋଡାଲ ସ୍କୁଲରେ ପରିବେଶ ଦିବସ ପାଳନ କରାଯାଉଛି।

**ସୁନ୍ଦରଗଡ,୭।୬(ଡି.ଏନ.ଏ)**

ସୁନ୍ଦରଗଡ଼ ରଥ ନୋଡାଲ ସ୍କୁଲରେ ଗତ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ କାଉନସିଲର ସୁମନ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ଯୁବ ଗାଳ୍ପିକ ବିବିଧ ବିଶ୍ୱ, ଉମ୍ବରୁଧର ନାୟକ, ସମୀର ରଞ୍ଜନ ପଟ୍ଟାୟକ, ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ରମଣୀ ନାଏକ, ନାରାୟଣୀ ମାଝୀ, ଇନ୍ଦୁମତି ମାଝୀ, ରଂଯୁକ୍ତା ବିଶାଳ, ମମତା ମହାରଣା, ଶକୁନ୍ତଳା କଲୋ, ସୁରେଖା ନାଗ, ରାଜକିଶୋରୀ ତିର୍କୀ, ପ୍ରଭାସିନୀ ନାଏକ, ବିନତା ମାକର, ଇନ୍ଦ୍ରା ବର୍ଥା, ସରିକ କେରକେଟା, ମଞ୍ଜୁ ବେହେରା, ଅନ୍ନପୂର୍ଣ୍ଣା ତନ୍ତୀ, ହେମଲତା ମାଝୀ ଏବଂ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସଞ୍ଜିତ ମହାନ୍ତି, ରଶ୍ମିତା ମାଝୀ, ଶୁଭମ ଦାସ, ଉମାକାନ୍ତ ମହାରଣା, ପପୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଭାଜପା ଯୁବମୋର୍ଚ୍ଚା ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

**ଦେବଗଡ଼,୭।୬(ଡି.ଏନ.ଏ)**

ଭାଜପା ଯୁବମୋର୍ଚ୍ଚା ଦେବଗଡ ଜିଲାର ନୂତନ କମିଟି ଗଠିତ ହୋଇଛି। ଏହି କମିଟିର ସଭାପତି ଭାବେ ସନ୍ତୋଷ କୁମାର ଭୁତିଆ, ଉପ ସଭାପତି ତପନ କୁମାର ସାମଲ, ବିଜୟ ଦେହୁରୀ, ପ୍ରଭାଶ ବିଶ୍ୱାଳ, ନିର୍ମଳ ସାହୁ ଓ ଅବିନାଶ ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ସରୋଜ କୁମାର ପ୍ରଧାନ, ସମ୍ପାଦକ ଭାବେ ଅଭିନାଶ ପାଣିଗ୍ରାହୀ, ରିପନ କୁମାର ସାହୁ, ମଧୁସୂଦନ ବାଘ, ଉଦୟନାଥ ସାହୁ ଓ ସାଇମନ ପଟେଲଙ୍କ ନାମ ଘୋଷଣା କରାଯାଇଛି। ସେହିପରି ରିତେଶ କୁମାର ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ଘୋଷଣା କରାଯାଇଛି ।

# ଏନଟିପିସି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଦର୍ଲିପାଲି ଟାଉନଶିପ୍‌ରେ ବୃକ୍ଷରୋପଣ କରାଯାଉଛି।

**ସୁନ୍ଦରଗଡ,୭।୬(ଡି.ଏନ.ଏ.)**

ଏନଟିପିସି ଦର୍ଲିପାଲି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦର୍ଲିପାଲିସ୍ଥିତ ଶୁଭ୍ରଜ୍ୟୋତି ଟାଉନଶିପଠାରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ପ୍ରକଳ୍ପର ଜିଜିଏମ ଏ.କେ. ଟଣ୍ଡନ ଯୋଗଦେଇ ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା 'କେବଳ ଏକ ପୃଥିବୀ' ସମ୍ପର୍କରେ ଆଲୋକପାତ କରିଥିଲେ । ପରିବେଶର ସୁରକ୍ଷା ସହ ବନୀକରଣକୁ ଅଗ୍ରାଧିକାର ଦେଇ ସମସ୍ତେ ପରିବଶକୁ ସ୍ୱଚ୍ଛ ଓ ସବୁଜ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ କନ୍ୟା ସଶକ୍ତିକରଣ ମିଶନର ୪୦ ଜଣ ବାଳିକା ସାମିଲ ହୋଇ ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀଙ୍କ ସହ ମିଶି ବୃକ୍ଷ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରକଳ୍ପର ସମସ୍ତ ଜିଏମ, ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ସିଆଇଏସଏଫ କର୍ମଚାରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ: ୩ ଗିରଫ

**ରାଉରକେଲା ଅଫିସ,୭।୬**

ଟାଙ୍ଗରପାଲି ଥାନା ଅନ୍ତର୍ଗତ ମଡେନଇଣ୍ଡିଆ ଅଞ୍ଚଳର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁ ଅଞ୍ଚଳର ସମୀର ଲୁହାର, ବିଜୟ ଭୂୟାଁ ଓ ତାରକେଶ୍ୱର ଶର୍ମା । ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ମଡେନଇଣ୍ଡିଆର ରୋହିତ ପାଶୱାନଙ୍କ ଘର ଦେଇ ଯାଇଥିବା ପାଣି ପାଇପ୍‌କୁ ତାରକେଶ୍ୱର ସୋମବାର ବନ୍ଦ କରି ଦେଇଥିଲେ। ଏହାକୁ ରୋହିତ ବିରୋଧ କରିବାରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ତାରକେଶ୍ୱର ରାଗିଯାଇ ଦେଓଗାଁ ଅଞ୍ଚଳରୁ ତାର ଦୁଇ ସହଯୋଗୀଙ୍କୁ ଡାକି ରୋହିତଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପୋଲିସ ରୋହିତଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୯୫।୨୨) ରୁଜୁ କରି ତଦନ୍ତ କରୁଥିଲା।

# ବୃକ୍ଷରୋପଣ କରି ସଚେତନ କରାଇଲେ

**ସୁନ୍ଦରଗଡ,୭।୬(ଡି.ଏନ.ଏ)**

ସୁନ୍ଦରଗଡ ଲୁହୁରାଡିପାସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆସୋସିଏଶନ ଫର୍ ସୋସିଆଲ ଆକ୍ଟିଭିଟିଜ୍ (ଆଶା)ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଘରୋଇ ବସ୍ ମାଲିକ ସଂଘର ଉପଦେଷ୍ଟା ଜ୍ଞାନ ରଞ୍ଜନ ହୋତା ଓ ବିଭୂତି ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷ ଚାରା ରୋପଣ କରିଥିଲେ। ସଙ୍ଗଠନର ରିତେଶ ସାହୁ, ମହେନ୍ଦ୍ର କୁମାର ସ୍ୱାଇଁ, ସଞ୍ଜିତ ମହାନ୍ତି, ରଶ୍ମିତା ମାଝୀ, ଶୁଭମ ଦାସ, ଉମାକାନ୍ତ ମହାରଣା ଏବଂ ବସ୍ ଡ୍ରାଇଭର ଓ ମାଲିକମାନେ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ଅତିଥିମାନ ବୃକ୍ଷ ଓ ମଣିଷ ଦୁହେଁ ଦୁହିଁଙ୍କ ମଧ୍ୟରେ ମିତ୍ର ସମ୍ପର୍କ ରହିବା ଉଚିତ। ବହୁଳମାତ୍ରାରେ ବୃକ୍ଷକଟା ହେଲେ ଜୀବଜଗତ ଉପରେ ପଡୁଥିବା ପ୍ରଭାବ ଉପରେ ଆଲୋଚନା କରିଥିଲେ।



ସୁନ୍ଦରଗଡ଼-ନୂଆ ବସ୍‌ଷ୍ଟାଣ୍ଡରେ ବୃକ୍ଷରୋପଣ କରାଯାଉଛି।

# ଦେବଗଡ଼ର ୩ ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର

**ଦେବଗଡ଼, ୭।୬(ଡି.ଏନ.ଏ)**

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ନିମନ୍ତେ ଦେବଗଡ ଜିଲାର ତିନି ବ୍ଲକର ୩ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର -୨୦୨୨ ପ୍ରଦାନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନରେ ତିଲେଇବଣି ବ୍ଲକ ସୁନାମୁଣ୍ଡା ସ୍ଥିତ ଚିନ୍ମୟ ବିଦ୍ୟାଳୟ, ରିଆମାଳ ବ୍ଲକର ବସନ୍ତପୁର ବେଗୁନିଆନାଳୀ ବନ ସୁରକ୍ଷା ସମିତି ଓ ବାରକୋଟ ବ୍ଲକର କାଦୋପଡା ବନ ସୁରକ୍ଷା ସମିତିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଚିନ୍ମୟ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ବିନୟ କୁମାର ନାୟକ, ବସନ୍ତପୁର ବେଗୁନିଆନାଳୀ ବନ ସୁରକ୍ଷା ସମିତି ପକ୍ଷରୁ ସଭାପତି ଯୁଧିଷ୍ଠିର ବିଶ୍ୱାଳ ଏବଂ ବାରକୋଟ ବ୍ଲକ କାଦୋପଡା ବନ ସୁରକ୍ଷା ସମିତି ପକ୍ଷରୁ ସଭାପତି ଜୋହାନ କେର୍କେଟ୍ଟା ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିଥିଲେ ।



ଦେବଗଡ଼ର ଏକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଉଛି।

# ପିଇଓ ନ ଆସିବାରୁ ଉନ୍ନୟନ କାର୍ଯ୍ୟ ଠପ୍

**କୁଆଁରମୁଣ୍ଡା,୭।୬(ଡି.ଏନ.ଏ.)**

**ରାଏବୋଗା ଗ୍ରାମ ପଞ୍ଚାୟତ**

ପ୍ରତ୍ୟେକ ବ୍ୟକ୍ତି ଯେପରି ସରକାରୀ ସୁବିଧାଠାରୁ ଆରମ୍ଭ କରି ସମସ୍ତ ଯୋଜନାର ଉପଯୁକ୍ତ ଲାଭ ପାଇପାରିବ ସେ ନେଇ ରାଜ୍ୟ ସରକାର ୫-ଟି ବ୍ୟବସ୍ଥା ଲାଗୁ କରିଛନ୍ତି। ଏବେ ପୁଣି ୬-ଟି ଅର୍ଥାତ ଟୁର ବା ଗସ୍ତ କାର୍ଯ୍ୟକ୍ରମ। ଏଥିରେ ପ୍ରତ୍ୟେକ ମନ୍ତ୍ରୀ,ବିଧାୟକମାନେ ନିୟମିତ ଜିଲା ଓ ବ୍ଲକ ଗସ୍ତ କରି କିଭଳି ଅଧିକରୁ ଅଧିକ ଲୋକ ସରକାରୀ ଯୋଜନାର ଲାଭ ପାଇପାରିବେ ସେ ନେଇ ତଦାରଖ କରିବେ। ମାତ୍ର ଏହି ବ୍ୟବସ୍ଥା ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଆଁରମୁଣ୍ଡା ବ୍ଲକର ଉପାନ୍ତ ରାଏବୋଗା ପଞ୍ଚାୟତ। ଏହି ପଞ୍ଚାୟତର ପିଇଓ ଦୀର୍ଘ ୩ ମାସ ହେଲା ପଞ୍ଚାୟତକୁ ନ ଯାଇ ବ୍ଲକରେ ବସି କାର୍ଯ୍ୟ କରୁଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଆଳ ଦେଖାଇ ସମ୍ପୃକ୍ତ ପିଇଓ କୁଆଁରମୁଣ୍ଡା ବ୍ଲକର ଭାରପ୍ରାପ୍ତ ଜିପିଇଓ ଭାବେ କାର୍ଯ୍ୟ କରୁଥିବାରୁ ପଞ୍ଚାୟତକୁ କାଁ ଭାଁ ଆସୁଥିବା ନେଇ ରାଏବୋଗା ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ପ୍ରଦୀପ କୁଲୁ ଅଭିଯୋଗ କରିଛନ୍ତି । ପିଇଓ ପଞ୍ଚାୟତକୁ ନ ଆସିବାରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ପାରୁ ନ ଥିବା ନେଇ ସେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସରକାରୀ ଯୋଜନାଗୁଡିକ କାର୍ଯ୍ୟକାରୀ ହୋଇ ନ ପାରିବାରୁ ଲୋକେ ସରପଞ୍ଚଙ୍କୁ ଦୋଷ ଦେଉଛନ୍ତି ବୋଲି ସରପଞ୍ଚ କୁଲୁ କହିଛନ୍ତି। ଅଧିକାରୀମାନଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଦୀର୍ଘ ୩ ମାସ ହେଲା ରାଏବୋଗା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ତ ଦୂରର କଥା, ରାସ୍ତାରେ ମାଟି ଟୋକେଇଟିଏ ପଡି ପାରୁନାହିଁ ବୋଲି କ୍ଷୋଭର ସହ ସରପଞ୍ଚ କହିଛନ୍ତି। ଏନେଇ ରାଏବୋଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ଦାଶଙ୍କୁ ପଚରାଯିବାରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। କେବଳ ଏହି ପଞ୍ଚାୟତ ନୁହେଁ ବ୍ଲକର ଅନ୍ୟ କେତେକ ପଞ୍ଚାୟତରେ ମଧ ପିଇଓମାନେ ଦାୟିତ୍ୱ ହସ୍ତାନ୍ତର ଓ ଗ୍ରହଣ କରି ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ଗୁରୁତର ବ୍ୟାହତ ହୋଇଥିବା ସୂଚନା ମିଳିଛି ।ଜିଲାପାଳ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚିତ ପ୍ରତିନିଧିମାନେ ଦାବି କରିଛନ୍ତି ।

## ସଂକ୍ଷେପରେ

### ମୃତ କୁଟୁରା ଜବତ



ଜମନକିରା, ୭।୬(ଡି.ଏନ.ଏ.): ଜମନକିରା ବ୍ଲକ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଭୋଜପୁର ବନାଞ୍ଚଳ ମାଙ୍କଡିଆପଡ଼ାରୁ ଏକ ମୃତ କୁଟୁରାକୁ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ସୂଚନା ଅନୁଯାୟୀ ସୋମବାର ଅପରାହ୍ନରେ ଏକ କୁଟୁରା ଜଙ୍ଗଲରୁ ପଡ଼ା ଭିତରକୁ ପଶି ଆସିଥିଲା। ଏହି ସମୟରେ କେତେକ କୁକୁର କୁଟୁରାକୁ ଗୋଡାଇଥିଲେ। ପରବର୍ତ୍ତୀ ସମୟରେ କୁଟୁରାର ମୃତ୍ୟୁ ହୋଇଥିଲା। ଖବର ପାଇ ରେଞ୍ଜ ଅଫିସର ଲକ୍ଷ୍ମୀନାରାୟଣ ନାଏକ, ଫରେଷ୍ଟର ସୁନୀତା ନାୟକ, ବନରକ୍ଷୀ ପ୍ରମୁଖ ମଙ୍ଗଳବାର ପଡାରେ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଦେହରେ ବନ ଅଧିକାରୀ ୩ ମହିଳାଙ୍କୁ ଅଟକ ରଖି ପଚରାଉଚୁରା କରୁଛନ୍ତି। ଏ ନେଇ ଜମନକିରା ବନପାଳଙ୍କ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

### ବାଟଗାଁ କଲେଜକୁ ପ୍ରକୃତିମିତ୍ର ପୁରସ୍କାର

ନାକଟିଦେଉଳ,୭।୬(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧମିକ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରବିବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ସଚିବ ଡ଼. ମୋନା ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିବା ବେଳେ ଶିକ୍ଷାନୁଷ୍ଠାନ ଅଧକ୍ଷ ରମେଶ କୁମାର ଅଗ୍ରୱାଲ ଏହା ଗ୍ରହଣ କରିଥିଲେ। ପୁରସ୍କାର ସ୍ୱରୁପ ଏକ ପ୍ରମାଣପତ୍ର ସହ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

### ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ସମ୍ବଲପୁର,୭।୬(ବ୍ୟୁରୋ): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ମଙ୍ଗଳବାର ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ମହିଳା ମଣ୍ଡଳ ଜାଗୃତି ବିହାର ମୁଖ୍ୟ ଫାଟକଠାରେ ପ୍ରକଳ୍ପ ସ୍ଥାପନ କରିଛି। ସଭାନେତ୍ରୀ ପଦ୍ମଜା ସିଂ, ଉପସଭାନେତ୍ରୀ ପଦ୍ମିନୀ ବାସୁଦେବନ, ଆରତୀ ବୋରା ପ୍ରମୁଖ ଯୋଗଦେଇ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହା ଦ୍ୱାରା ପଥଚାରୀ ଓ ଯାତ୍ରୀମାନେ ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ପାଇପାରିବେ ବୋଲି ମହିଳା ମଣ୍ଡଳ ପକ୍ଷରୁ ସୂଚିତ କରାଯାଇଛି।

# କଳାକାର ହେଉଛନ୍ତି ସଂସ୍କୃତିର ବାହକ

ସମ୍ବଲପୁର,୭।୬(ବ୍ୟୁରୋ)



ସମାବେଶରେ ଅତିଥିଙ୍କ ସହ କଳାକାରମାନେ।

## ଲୋକକଳା କଳାକାର ସମାବେଶ

ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସବୁ କ୍ଷେତ୍ରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି। କଳାକାରଙ୍କୁ ସମାଜ ଏ ପର୍ଯ୍ୟନ୍ତ ଯେଭଳି ସମ୍ମାନ ଓ ଗୁରୁତ୍ୱ ଦେବା କଥା ତାହା ଦେଇନାହିଁ। ସେମାନେ ନିଜସ୍ୱ ଉଦ୍ୟମରେ କଳାକୁ ବଞ୍ଚାଇ ରଖିଛନ୍ତି, ଯାହା ପ୍ରଶଂସନୀୟ। କଳା ସମସ୍ତଙ୍କୁ ଯୋଡି ରଖିଥାଏ। କଳା ନ ବଞ୍ଚିଲେ ସଂସ୍କୃତି ଶେଷ ହୋଇଯିବ। ତେଣୁ କଳା ଯେପରି ସବୁଦିନ ପାଇଁ ବଞ୍ଚିରହିବ ସେ ଦିଗରେ ସମସ୍ତ ପ୍ରକାର ଉଦ୍ୟମ ହେବା ଆବଶ୍ୟକ। ସାପ୍ତାହିକ ପତ୍ରିକା ସ୍ୱୀକାର ଆୟୋଜିତ ଲୋକକଳା କଳାକାର ସମାବେଶରେ ବକ୍ତାମାନେ ଏହି ମତ ପ୍ରକାଶ କରିଛନ୍ତି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା, ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାରମାନେ ହିଁ ଲୋକକଳାକୁ ବଞ୍ଚାଇ ରଖିପାରିବେ ବୋଲି କହିଥିଲେ। ସମ୍ବଲପୁର ପ୍ରେସ କ୍ଲବଠାରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ହୋଇଥିଲା। ପତ୍ରିକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ କ୍ଷେତ୍ରମଣୀ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକର ଦାବକାନୀ ଗ୍ରାମରୁ ଆସିଥିବା ମା' ପାଟଖଣ୍ଡା ଗଣ୍ଡା ବାଜା ଦଳ, ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବଡ଼ଧରା ଗ୍ରାମର ଶ୍ରୀରାଧାକୃଷ୍ଣ ସମ୍ପର୍ଦ୍ଧା ଦଳ, ବରିଷ୍ଠ ବାୟକ ଅଲେଖ ସାହୁ ଓ ଦୁଃଖନାଶନ ବେହେରାଙ୍କ ସଞ୍ଚାର ଦଳ ଏବଂ ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ଗ୍ରାମର ରଜନୀ ଭୋଇ ଓ ଦେବରାଜ ସେଠ କରମସାନୀ ପରିବେଷଣ କରିଥିଲେ।

# ଶିକ୍ଷକ ନିଯୁକ୍ତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୭।୬(ଡି.ଏନ.ଏ.)

କୁଚିଣ୍ଡାଠାରେ ସ୍ଥାପିତ ସମ୍ବଲପୁର ଜିଲାର ଏକମାତ୍ର ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟରେ ଦୀର୍ଘ ୫ବର୍ଷ ଧରି ଜଣେ ହେଲେ ସ୍ଥାୟୀ ଶିକ୍ଷକ କିମ୍ବା କର୍ମଚାରୀ ନିଯୁକ୍ତ ହୋଇ ନାହାନ୍ତି। ଏହି ବିଦ୍ୟାଳୟ ପାଇଁ ୨୦୧୮ରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେବଳ ହିନ୍ଦୀ ଶିକ୍ଷକ ପଦବୀକୁ ନେଇ ହାଇକୋର୍ଟରେ ହୋଇଥିବା ମାମଲାକୁ ଆଳ ଦେଖାଇ ପ୍ରଶାସନ ନିଯୁକ୍ତିକୁ ବିଳମ୍ବିତ କରୁଥିବା ଅଭିଯୋଗ କରି ତୁରନ୍ତ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି କରିବାକୁ ମଙ୍ଗଳବାର କୁଚିଣ୍ଡା ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ଏବଂ ଅଭିଭାବକ କମିଟି ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ୧୫ ଦିନ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ସଭାପତି ସୁବାସ ଚନ୍ଦ୍ର ନାୟକ, ଅଭିଭାବକ ସଂଘ ସଭାପତି ନରେନ୍ଦ୍ର କୁମାର ବାଘ, ସମ୍ପାଦକ ସେଉଲ ଲାକ୍ରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣା କର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ଚାନ୍ଦା ଆଦାୟକୁ ବିରୋଧ କରି ବିକ୍ଷୋଭ



ବ୍ୟବସାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ଅଫିସ,୭।୬

ରାଉରକେଲା ମହାନଗର ନିଗମ ଅଧୀନ ପାନପୋଷ ମାର୍କେଟ ଅଞ୍ଚଳର କିଛି ବ୍ୟବସାୟୀଙ୍କଠାରୁ ପ୍ରତିଦିନ ଏକ ଠିକାସଂସ୍ଥା ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଉକ୍ତ ବ୍ୟବସାୟୀମାନେ ଆରଏମ୍‌ସି ଅଫିସ୍ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ରାଉରକେଲା ପାନପୋଷ ମାର୍କେଟ ଅଞ୍ଚଳରେ ୩ଶହ ସ୍ଥାୟୀ ଦୋକାନ ଓ ୨ଶହ ଅସ୍ଥାୟୀ ଦୋକାନ ରହିଛି। ଅସ୍ଥାୟୀ ଦୋକାନୀମାନେ ଖୋଲା ଆକାଶ ତଳେ ବ୍ୟବସାୟ କରୁଥିବାବେଳେ ସେମାନଙ୍କୁ ଆରଏମ୍‌ସି ପକ୍ଷରୁ କୌଣସି ମୌଳିକ ସୁବିଧା ଯୋଗାଇ ଦିଆଯାଉନାହିଁ। କିନ୍ତୁ ଦୀର୍ଘଦିନ ଧରି ଉକ୍ତ ମାର୍କେଟ ଅଞ୍ଚଳରେ ଅସ୍ଥାୟୀ ଭାବେ ବ୍ୟବସାୟ କରୁଥିବା ଏହି ବ୍ୟବସାୟୀଙ୍କଠାରୁ ପ୍ରତିଦିନ ୨୦ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରାଯାଉଛି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ମଙ୍ଗଳବାର ଆର୍‌ଏମ୍‌ସି ଅଫିସ୍ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ଭେଟ କରି ଉକ୍ତ ସମସ୍ୟା ବିଷୟରେ ସେମାନେ ଆଲୋଚନା କରିଥିଲେ। ତେବେ ଘଟଣାର ତଦନ୍ତ କରିବେ ବୋଲି ଉପଆୟୁକ୍ତ ଭୋଇ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବ୍ୟବସାୟୀ ତ୍ରିଲୋଚନ ବାରିକ, ଉପେନ୍ଦ୍ର ଶାହା, ସୂର୍ଯ୍ୟମଣି ବାରିକ, ରଞ୍ଜନ ଠାକୁର, ମୁକେଶ ସାହୁ, ରଙ୍କନିଧି ବାରିକ, ସମଉଦ୍ଦିନ ଅନସାରୀ, ରଜତ ସମାସୀ ପ୍ରମୁଖ ଉପସ୍ଥିତ ଥିଲେ।

# କୁଞ୍ଜାମୁରା ଶିବମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା

ନାକଟିଦେଉଳ,୭।୬(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତର କୁଞ୍ଜାମୁରାସ୍ଥିତ ବାବା ବିନ୍ଧେଶ୍ୱର ଶିବ ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦେବଦମ୍ପତି ମହାଦେବଙ୍କ ମାତାପିତା ଭାବେ ଜାମୁଯୋରୀ ପଞ୍ଚାୟତ ବିନ୍ଧପୁର ଗ୍ରାମର ଶିବମୋହନ ପ୍ରଧାନ ଓ ଦୁତିକା ପ୍ରଧାନ ଏବଂ ମାତା ପାର୍ବତୀଙ୍କ ମାତାପିତା ଭାବେ ସାଲେଭଟା ପଞ୍ଚାୟତ ବସାଲୋଇ ଗ୍ରାମର ଦାମୋଦର ସାହୁ ଓ ସସ୍ମିତା ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ଶନିବାର ମହାଦେବ ବରଯାତ୍ରୀଙ୍କ ଗହଣରେ ଶୋଭାଯାତ୍ରାରେ ଭାଲୁଗାଡ଼ିଆ, ଗୋବିନ୍ଦପୁର, ବାଟଗାଁ, କୁଞ୍ଜାମୁରା ଆଦି ଗ୍ରାମ ପରିକ୍ରମା କରି କୁଞ୍ଜାମୁରା ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ପୂଜା, ହୋମକାର୍ଯ୍ୟ ସହ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବରଯାତ୍ରୀ ଦଳ ଡ଼ିଜେ, ଢୋଲବାଦ୍ୟ ବଜାଇ କୃଷ୍ଣଗୁରୁ ଆଦି ନାମସଂକୀର୍ତ୍ତନ ଦଳ ସହିତ ସାମିଲ ହୋଇଥିଲେ। ରବିବାର ସକାଳୁ ବରକନ୍ୟା ବିଦାୟ ନେଇ ମଧ୍ୟାହ୍ନ ୧୨ଟା ସମୟରେ ମନ୍ଦିର ପ୍ରବେଶ କରିଥିଲେ। କୁଞ୍ଜାମୁରା ଶୀତଳଷଷ୍ଠୀ ଯାତ୍ରା କମିଟିର ଗୋଲେଖ ବିହାରୀ ସାହୁ, ଦିଲୀପ ଅଗ୍ରୱାଲା, ପ୍ରଶନ୍ନ କୁମାର ରାଉତ, ଗୁରୁଚରଣ ବିଶ୍ୱାଳ, ରଷିନ୍ଦ୍ର ଧଳ, ଜଳନ୍ଧର ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଉଛି।

# ସମାଜ ପ୍ରତି ବ୍ରଜମୋହନଙ୍କ ବହୁ ଅବଦାନ ରହିଛି

## ଜୟନ୍ତୀ ସମାରୋହ

ସମ୍ବଲପୁର,୭।୬(ବ୍ୟୁରୋ)

ସମାଜ ପ୍ରତି ବ୍ରଜମୋହନ ପଣ୍ଡାଙ୍କ ବହୁ ଅବଦାନ ରହିଛି। ତାଙ୍କର ସାହିତ୍ୟକୃତି ଅମୂଲ୍ୟ। ଏହାକୁ କଲେଜ ସିଲାବସରେ ସ୍ଥାନିତ କରିବାକୁ ତାଙ୍କ ଜୟନ୍ତୀ ଅବସରରେ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଦୀପକ କୁମାର ପଣ୍ଡାଙ୍କ ପରିଚାଳନାରେ ପବ୍ଲିକ ଲାଇବ୍ରେରୀରେ ମଙ୍ଗଳବାର ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ସୁଦର୍ଶନ ପୂଜାରୀ କହିଥିଲେ, ଛାତ୍ରାବସ୍ଥାରେ ବ୍ରଜମୋହନ ଉତ୍କୃଷ୍ଟ ରଚନା ସୃଷ୍ଟି କରିଥିଲେ। ଜୀବନର ଭିନ୍ନ ଗତିପଥରେ ସେ ସାହିତ୍ୟ ସ୍ରଷ୍ଟାରୁ ସାହିତ୍ୟ ସଂଗଠକ ହୋଇପାରିଥିଲେ। ମୁଖ୍ୟବକ୍ତା ରୂପେ ଯୋଗଦେଇ ଡ. ପ୍ରଦୀପ ପଣ୍ଡା କହିଲେ, ବ୍ରଜମୋହନ ପଣ୍ଡାଙ୍କ ରଚନା ତାଙ୍କୁ ସମକାଳୀନ ବିଶିଷ୍ଟ କବି ଶ୍ରେଣୀରେ ସ୍ଥାନିତ କରିଛି। ଏ ଅବସରରେ ବ୍ରଜମୋହନ ରଚନାବଳୀ ଆଧାରିତ ଆଠୋଟି ଗୀତ ସମ୍ବଳିତ ସିଡିକୁ ଅବସରପ୍ରାପ୍ତ ଅଧ୍ୟାପକ ଉମ୍ବରୁଧର ପଟ୍ଟନାୟକ ଉନ୍ମୋଚନ କରିଥିଲେ। ପରେ ଲକ୍ଷ୍ମୀ ନାରାୟଣ ହୋତାଙ୍କ ସଂଯୋଜନାରେ ଆୟୋଜିତ କବିତା ପଠୋତ୍ସବରେ ଅତିଥିଙ୍କ ସମେତ ସଂଯୋଜକ ଲକ୍ଷ୍ମୀ ହୋତା, କବି ଦୁର୍ଗା ପଣ୍ଡା, ମନୋଜ ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ଯଦୁନନ୍ଦନ ପଣ୍ଡା, ଦେବାର୍ଚ୍ଚନ ଠାକୁର, ମୋତିଲାଲ ଦୋରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

 କୁଚିଣ୍ଡା,୭।୬(ଡି.ଏନ.ଏ.)

## ଦୁର୍ଘଟଣାରେ ୩ ମୃତ୍ୟୁ ଘଟଣା

କୁଚିଣ୍ଡା ଥାନା ଅନ୍ତର୍ଗତ ତବଲାକଟା ଢାବା ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ଅପରାହ୍ନରେ ତେଲ ଟ୍ୟାଙ୍କର ସହ ଯାତ୍ରୀବାହୀ ଅଟୋରିକ୍ସାର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଡ୍ରାଇଭରଙ୍କ ସହ ୨ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଅଟୋରେ ଥିବା ଅନ୍ୟ ୪ ଯାତ୍ରୀ ଗୁରୁତର ହୋଇଥିଲେ। ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ସନ୍ଧ୍ୟା ୫ଟାରୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ କୁଚିଣ୍ଡା ଆଇଆଇସି ଶୋଭାକର ସେଠ ଓ ଜମନକିରା ତହସିଲଦାର ସୌମ୍ୟାରୂପା ରଥ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ମୃତକଙ୍କ ପରିବାରଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ଜିଦ୍ ଧରିଥିଲେ। ରାସ୍ତାରୋକୋ ଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡିମୋଟର ଅଟକି ରହିଥିଲା। ରାତ୍ରି ୯ଟାରେ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ସହାୟତା ଦେବାକୁ ପ୍ରତିଶ୍ରୁତି ପରେ ସାଢେ ୯ଟାରେ ରାସ୍ତାରୋକୋ ହଟି ଯାତାୟାତ ସ୍ୱାଭାବିକ ହୋଇଥିଲା। କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ୩ ମୃତଦେହ କୁଚିଣ୍ଡା ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ଝାରସୁଗୁଡ଼ା ଅଫିସ,୭।୬

ଝାରସୁଗୁଡା ସରବାହାଲ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀ ସଙ୍ଗଠନ ଏଇତ ଜୀବନ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ରାହୁଲ ଜୈନ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସଭାନେତ୍ରୀ ମାନସୀ ପଣ୍ଡା, ସମ୍ପାଦିକା ପୁନମ ପଟେଲ, ମଞ୍ଜୁଳା ବେହେରା, ପଙ୍କଜିନୀ ପାଣିଗ୍ରାହୀ, ସଂଯୁକ୍ତା ପଟେଲ, ମୀନା ସୋନି, ରାଜେଶ ପାଢ଼ୀ, ସୁଶାନ୍ତ ନାୟକ, ଉଦୟ ସାମଲ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଫକୀର ମୋହନ ପାଢ଼ୀ, ମାଧ ଦିକ୍ଷୀତ ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ରାଉରକେଲା ନାଟକ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା ଅଫିସ,୭।୬



ସିଭିକ୍ ସେଣ୍ଟରରେ ପରିବେଷିତ ନାଟକର ଏକ ଦୃଶ୍ୟ।

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ରାଉରକେଲା ନାଟକ ମହୋତ୍ସବ-୨୦୨୨ ମଙ୍ଗଳବାର ସିଭିକ୍ ସେଣ୍ଟରରେ ଉଦ୍‌ଘାଟିତ ହୋଇଛି। ଆରଏସ୍‌ପିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ପି. କେ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ, ରାଉରକେଲା ଇସ୍ପାତ କାରଖାନାର ମହାପ୍ରବନ୍ଧକ ବିଜୟ କୁମାର ରାଉତ, ଏକତ୍ର ପରିବାରର ଉପଦେଷ୍ଟା ନାରାୟଣ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏକତ୍ର ପରିବାର ସଭାପତି ପ୍ରଫେସର ଡ. ସମର ମୁଦାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଭାସ୍କର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ନାଟକ ଅନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ଓଡିଆ ନାଟକ 'ଶାନ୍ତି' ପରିବେଷିତ ହୋଇଥିଲା। 'ନାୟିକା' ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ନାଟକ 'ମା' ପରିବେଷିତ ହୋଇଥିଲା। ସେହିପରି ତୃତୀୟ ନାଟକ 'ମିସେସ୍ ଆଣ୍ଡ ମିଷ୍ଟର ଭିଡିରିଆ' ପରିବେଷଣ କରାଯାଇଥିଲା। ଅନିଲ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ୩ ଦିନିଆ ନାଟକ ମହୋତ୍ସବରେ ସମ୍ପର୍କ, ନାୟିକା, ସଂକଳ୍ପ, ପ୍ରୟାସ, ତିତିଲି, ପରିଚୟ, କସ୍ତୁରୀ, ସ୍ପନ୍ଦନ, ପ୍ରତିଧ୍ୱନି ଓ ରଙ୍ଗମଞ୍ଚର କଳାକାରମାନେ ୧୦ଟି ନାଟକ ପରିବେଷଣ କରିବେ ବୋଲି ଉପଦେଷ୍ଟା ପତି ସୂଚନା ଦେଇଛନ୍ତି।

# ପ୍ରକାଶିତ ବିଜ୍ଞପ୍ତି କର୍ମଚାରୀ ସ୍ୱାର୍ଥ ବିରୋଧୀ

ସମ୍ବଲପୁର,୭।୬(ବ୍ୟୁରୋ)



ବୈଠକରେ ଯୋଗଦେଇଥିବା ଶିକ୍ଷକ, କର୍ମଚାରୀ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବୈଠକ

ସମ୍ବଲପୁର ଜିଲା ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ମିଳିତ ସମନ୍ୱୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସମସ୍ୟା ସହ ଆସନ୍ତା ୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଲିରେ ଯୋଗଦାନ କରିବା ନେଇ ଆଲୋଚନା ହୋଇଥିଲା। ସମନ୍ୱୟ ସମିତି ଆବାହକ ହରି ନାରାୟଣ ପଣ୍ଡା ସଭା ପରିଚାଳନା କରିଥିଲେ। ଅନୁଦାନପ୍ରାପ୍ତ, ଅଣଅନୁଦାନପ୍ରାପ୍ତ ସମସ୍ତ ବର୍ଗର ହାଇସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷାକର୍ମଚାରୀ ଯୋଗଦେଇଥିଲେ।

ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ ଓ କଲେଜର ଶିକ୍ଷକ, କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ କ୍ଷେତ୍ରରେ ସରକାରଙ୍କ ଚଞ୍ଚକତାପୂର୍ଣ୍ଣ ଆଚରଣକୁ ବିରୋଧ କରାଯାଇଥିଲା। ଓଆର୍‌ଏସ୍‌ପି ୨୦୧୭ ବେତନ ନିୟମ ମୁତାବକ ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ପ୍ରକାଶିତ ବିଜ୍ଞପ୍ତିକୁ ବିକୃତ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମୋଡାଲିଟି ପ୍ରକାଶିତ ହୋଇଛି, ଯାହା ସମ୍ପୂର୍ଣ୍ଣ କର୍ମଚାରୀ ସ୍ୱାର୍ଥ ବିରୋଧୀ। ସପ୍ତମ ବେତନ ପ୍ରଦାନ ପଦ୍ଧତିକୁ ବାତିଲ କରି ଅବିକଳ ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମା ପ୍ରଦାନ କରିବାକୁ ଦାବି ହୋଇଥିଲା। ସେହିପରି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ୯ରେ ହେବାକୁ ଥିବା ରାଲିରେ ସମ୍ବଲପୁର ଜିଲାରୁ ବହୁସଂଖ୍ୟାରେ ଶିକ୍ଷକ, କର୍ମଚାରୀ ଯୋଗଦାନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ବିଶ୍ୱାମିତ୍ର ଦୀପ୍, ଯୁଗ୍ମ ସମ୍ପାଦିକା ସସ୍ମିତା ଦାଶ, ଶିବ ପ୍ରସାଦ ବେହେରା, ସୁରେଶ ପୂଜାରୀ, ଜୟ ଶଙ୍କର ପାଢ଼ୀ, ନାରଦ ଦାଶ, ଅମିତ ଲାଲ୍ ବେହେରା, ଶ୍ୱେତାଙ୍ଗିନୀ ସାହୁ, ପ୍ରସନ୍ନ କୁମାର ସାହୁ, ରାମ କୁମାର ସାହୁ, ରାଜାରାମ ନାୟକ, ଲମ୍ବୋଦର ପାଢ଼ୀ, ରଞ୍ଜନ କୁମାର ମହାକୁର, କିଶୋର ମହାକୁର, ଆନନ୍ଦ ଚନ୍ଦ୍ର ପତି, ସୁରେଶ ପାତ୍ର, ରମେଶ ଚନ୍ଦ୍ର ସାହୁ, ଜୟନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୮ ଜୁନ୍, ୨୦୨୨

**ଉପକାରାଗାର ପରିଦର୍ଶନ କଲେ କମିଟି ସଭ୍ୟ**

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ସବ୍‌ଜେଲ କମିଟି ସଭ୍ୟ ମଙ୍ଗଳବାର ସ୍ଥାନୀୟ ଉପକାରାଗାର ପରିଦର୍ଶନ କରିଥିଲେ। ଜେଲର ସଞ୍ଜୀବ କୁମାର ଦୀପଙ୍କ ସହ କମିଟି ସଦସ୍ୟ ଡ଼ ଘନଶ୍ୟାମ ଜୈନ, ଡ ଶିବ ପ୍ରସାଦ ବେହେରା, ଶରତ ମିଶ୍ର ଉପ କାରାଗାରରେ ଥିବା ୬୬ ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। କମିଟି ସଦସ୍ୟ ଡ଼ ଜୈନ ଅନ୍ତେବାସୀଙ୍କ ପାଇଁ ଜେଲକୁ ୨ଟି ଟେଲିଭିଜନ ସେଟ୍, ଅନ୍ୟତମ ସଦସ୍ୟ ଡ଼ ବେହେରା ଖବର କାଗଜ ଓ ପୁସ୍ତକ ଦେବା ପାଇଁ ଏହି ଅବସରରେ ପ୍ରକାଶ କରିଥିଲେ।



## ସଂକ୍ଷେପରେ

### ସେତୁ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ



ସଇଁତଲା,୭।୬ (ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜାତୀୟ ରାଜପଥ ୨୬ରୁ କୁଟୁରାମୁଣ୍ଡା ଗ୍ରାମକୁ ଯାଇଥିବା ରାସ୍ତାରେ ଗିରିଗୋବର୍ଦ୍ଧନ ନାଳ ପଡିଥାଏ। ଉକ୍ତ ନାଳ ଉପରେ ସେତୁ ନିର୍ମାଣ କାମ ଚାଲିଛି। ତେବେ ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସଇଁତଲା ଆରଡ଼ି ତରଫରୁ ହେଉଥିବା ଏହି ସେତୁ ବିଜୁ ସେତୁ ଯୋଜନାରେ ନିର୍ମାଣ ହେଉଛି। ବ୍ୟୟ ଅଟକଳ ରହିଛି ୧୬୯.୩୫ଲକ୍ଷ ଟଙ୍କା। ତା୨୩।୧୨।୨୦୨୧ରିଖରୁ ଆରମ୍ଭ ହୋଇ ତା୨୨।୯।୨୦୨୨ରିଖରେ କାମ ସରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଅଧାରୁ ଅଧିକ ପିଲର ନିର୍ମାଣ କାମ ସରିଲାଣି। ତେବେ ନିର୍ମାଣରେ ବ୍ୟବହୃତ ସିମେଣ୍ଟ, ଛଡ଼ ନିମ୍ନମାନର ଥିବାରୁ ଛଡ଼ରେ କଳଙ୍କି ଲାଗିଛି । ହାତ ମାରିଲେ କଂକ୍ରିଟ ଖସିପଡୁଛି। ଆରଡ଼ି ଯନ୍ତ୍ରୀ ମଧୁସୂଦନ ମେହେରଙ୍କୁ ପଚାରିବାରୁ ଓଦା ଥିବାରୁ ପିଲରରୁ ସିମେଣ୍ଟ ଓ କଂକ୍ରିଟ ଖସି ପଡୁଥିବା କହିଛନ୍ତି। ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### ପବନରେ ଉଡିଗଲା ଫଂଡ଼ିଘର

ସଇଁତଲା,୭।୬ (ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କଅଁସର ପଞ୍ଚାୟତରେ ଥିବା ଫଂଡ଼ିଘର ବର୍ଷା ଓ ପବନରେ ଭାଙ୍ଗିଯାଇଛି। ଦୁଇଦିନ ତଳେ ବର୍ଷା ସାଙ୍ଗକୁ ପବନରେ ଘରର ଚାଳ ଛାତ ଉଡ଼ି ଅନ୍ୟତ୍ର ପଡ଼ିଛି। ନିର୍ମାଣ ହୋଇଥିବା ପିଲର ଗୁଡ଼ିକ ଭାଙ୍ଗି ଯାଇଛି । ନିମ୍ନମାନର କାମ ଯୋଗୁ ଏପରି ଘଟିଥିବା ଅଭିଯୋଗ ହୋଇଛି। ସୌଭାଗ୍ୟକୁ କେନ୍ଦୁପତ୍ର ଗୋଟାଳି ଓ ବନ୍ଧାଳିମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଘଟଣା ଘଟିବାର ଦୁଇଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ ସେମାନଙ୍କ ରହିବାର ବନ୍ଦୋବସ୍ତ କରାଯାଇନାହିଁ। ଅନ୍ୟପକ୍ଷରେ କେନ୍ଦୁପତ୍ର ଗୋଟାଳି ଓ ବନ୍ଧାଳିଙ୍କ ପାଇଁ ଫଂଡ଼ି ଘର ନିକଟରେ ଶୌଚାଳୟ ନିର୍ମାଣ, ପିଇବା ପାଇଁ ପାଣିର ବ୍ୟବସ୍ଥା ନାହିଁ । ପ୍ରଶାସନ ତୁରନ୍ତ କେନ୍ଦୁପତ୍ର ଗୋଟାଳି ଓ ବନ୍ଧାଳିଙ୍କ ରହିବାର ବନ୍ଦୋବସ୍ତ କରିବା ସହ ଫଂଡ଼ିଘର ନିର୍ମାଣର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର ଅଫିସ, ୭।୬: ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀରର ନବନିର୍ବାଚିତ କର୍ମକର୍ତ୍ତାଙ୍କର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ନୃସିଂହ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ନବନିର୍ବାଚିତ ସଭାପତି ଗୋବିନ୍ଦ ମିଶ୍ର, ସାଧାରଣ ସମ୍ପାଦକ ମଲିଆ ଗଡୁଆଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପୂର୍ଣ୍ଣଚନ୍ଦ୍ର ମେହେର, ଜୀବନ କରନ, ବିନୋଦ ବିହାରୀ ସିଂ, ଭଗବାନ ନାୟକ, ନରସିଂହ ରାଓ, ହରେକୃଷ୍ଣ ମେହେର ଓ ବିରଞ୍ଚି ହୋତା ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ସମସ୍ତ ସଭ୍ୟଙ୍କୁ ୧୨ଟି ଦଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ଦଳ ପାଇଁ ଜଣେ ଲେଖାଏ ଦଳପତିଙ୍କୁ ନିଯୁକ୍ତି କରାଯିବା ସକାଶେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସଂଘ ବରିଷ୍ଠ ସଭ୍ୟ ଗୋପବନ୍ଧୁ ପୁରୋହିତ ସଂଘର କାର୍ଯ୍ୟାଳୟ ଗୃହ ସକାଶେ ଜିଲାପାଳ ବଲାଙ୍ଗୀରଙ୍କୁ ସାକ୍ଷାତ କରିବା ପ୍ରସ୍ତାବ ଆଗତ କରିଥିଲେ । ସଭାପତି, ସାଧାରଣ ସମ୍ପାଦକଙ୍କ ସମେତ ଅନ୍ୟ ୩ଜଣ ସଭ୍ୟ ଆସନ୍ତା ସପ୍ତାହରେ ସାକ୍ଷାତ କରିବା ସକାଶେ ସ୍ଥିର କରାଗଲା । ବୈଠକରେ ଗୋବିନ୍ଦ ମିଶ୍ର ସଭାପତି, ମଲିଆ ଗଡୁଆ ସାଧାରଣ ସମ୍ପାଦକ, ସତ୍ୟବନ୍ତ ବେଦବାକ ଉପଦେଷ୍ଟା, ପୁରୁଷୋତ୍ତମ ପଣ୍ଡା, ଯୁଗ୍ମ ସମ୍ପାଦକ, କାର୍ଯ୍ୟକାରିଣୀ ସଭ୍ୟଭାବେ ଗୋପବନ୍ଧୁ ପୁରୋହିତ, ହରେକୃଷ୍ଣ ପଟେଲ, ପୂର୍ଣ୍ଣଚନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ମହାକୁର ଏବଂ ଜୀବନ କୁମାର ତ୍ରିପାଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିରଞ୍ଚି ହୋତା ସଭାରେ ସ୍ୱମତ ଉପସ୍ଥାପନ କରିଥିଲେ। ହରେକୃଷ୍ଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୋଜନା କାର୍ଯ୍ୟାନ୍ୱୟନରେ ସମନ୍ୱୟ ଲୋଡ଼ା

**ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ**

ବଲାଙ୍ଗୀର ଅଫିସ, ୭।୬

ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟି ବୈଠକ ଅଧକ୍ଷା ତଥା ଏମ୍‌ପି ସଙ୍ଗୀତା କୁମାର ସିଂଦେଓଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ଜଳସମ୍ପଦ ବିଭାଗ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ଅସିତ୍ ମିଶ୍ର, ବିଭିନ୍ନ ବ୍ଲକର ଅଧକ୍ଷା, ଅଧକ୍ଷ, ପୌର ପରିଷଦ ଅଧକ୍ଷା, ଅଧକ୍ଷ, ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡିଆରଡିଏ ପିଡି ସୁଶାନ୍ତ କୁମାର ସିଂ ବୈଠକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ।

ଜିଲାରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ତେବେ ସମନ୍ୱୟ ଅଭାବରୁ ଅନେକ ଯୋଜନାର ସୁଫଳ ଲୋକେ ପାଇପାରୁନାହାନ୍ତି। ଏଣୁ ଜିଲାରେ ଜନମଙ୍ଗଳ ଯୋଜନାଗୁଡିକର କାର୍ଯ୍ୟାନ୍ୱୟନରେ ବିଭିନ୍ନ ବିଭାଗ ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଉଚିତ୍ ସମନ୍ୱୟ ଲୋଡା ବୋଲି ଅଧକ୍ଷା ସିଂଦେଓ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ଯୋଜନାର ଆବଣ୍ଟିତ ପାଣ୍ଠି ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଏବଂ ପାଣ୍ଠି ବିନିଯୋଗ ଜରୁରୀ ବୋଲି କହିଥିଲେ। ବୈଠକରେ ବଲାଙ୍ଗୀର ଜିଲାରେ କାର୍ଯ୍ୟକାରୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଏବଂ ଉନ୍ନୟନ ଯୋଜନା ଗୁଡିକର କାର୍ଯ୍ୟକାରିତା ଉପରେ ସେ ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ବଲାଙ୍ଗୀର ବାଇପାସ୍, ଟିଟିଲାଗଡ ବାଇପାସ୍ ଓ ପାଟଣାଗଡ ବାଇପାସ୍ ରାସ୍ତାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନେ କିଭଳି ଶୋଷଣର ଶିକାର ନହୋଇ ବୀମା କ୍ଷତିପୂରଣ ପାଇବେ ସେଦିଗରେ ଧ୍ୟାନ ଦେବାକୁ ଏମ୍‌ପି ସିଂଦେଓ କହିଥିଲେ। ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାରେ ଜିଲାରେ କରାଯାଉଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ପ୍ଲେସମେଣ୍ଟ ଉପରେ ଏମ୍‌ପି ସିଂଦେଓ ସମୀକ୍ଷା କରିଥିଲେ। ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନାରେ ପାଇପ ଜଳ ପ୍ରକଳ୍ପ ଏବଂ ଓଭରହେଡ ଟ୍ୟାଙ୍କ ନିର୍ମାଣର ସମୀକ୍ଷା କରିଥିଲେ। ଜିଲାରେ ଏନେଇ ଅଧିକ ଅନିୟମିତତା ଅଭିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆଦର୍ଶ ଗାମ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଣୀପୁର ଝରିଆଲ ପର୍ଯ୍ୟଟନ ପୀଠର ବିକାଶ ନେଇ ଆଲୋଚନା କରିଥିଲେ।



ଦିଶା କମିଟି ବୈଠକରେ ଏମପି ସଙ୍ଗୀତା କୁମାରୀ ସିଂଦେଓ ଓ ଅନ୍ୟମାନେ।

### ଶିକ୍ଷା, ସଂସ୍କାର, ସ୍ୱାସ୍ଥ୍ୟ ସମ୍ପର୍କିତ ତାଲିମ

ବୋଡେନ,୭।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକଲ ଅଭିଯାନ ଅଭ୍ୟାସ ବର୍ଗ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ୭ ଦିନ ଧରି ଶିକ୍ଷା, ସଂସ୍କାର ଓ ସ୍ୱାସ୍ଥ୍ୟ ସମ୍ପର୍କିତ ତାଲିମ ପ୍ରଦାନ କରାଯିବା ବୋଲି ଆୟୋଜକ ସୂଚନା ଦେଇଛନ୍ତି। ବୋଡେନ ବ୍ଲକ ସଂଘ ପ୍ରମୁଖ କୃଷ୍ଣ ଚନ୍ଦ୍ର ନିଆଲଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୋଡେନ ରାଷ୍ଟ୍ରିୟ ସଂଘ ଚାଳକ ଗଜରାଜ ବୈଠାରୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ପ୍ରଧାନ ଗୁରୁଜୀ ତ୍ରିନାଥ ନାଗ, ଟିକେଶ୍ୱର ନାଗ, ଅଞ୍ଚଳ ପ୍ରାଥମିକ ଶିକ୍ଷା ପ୍ରମୁଖ ଡମ୍ବରୁଧର ମାଝି, ଖଡିଆଳ ସଂଘ ପ୍ରମୁଖ ହେମାସାଗର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବୋକଡେନ ବ୍ଲକର ୨୨ ଓ ଖଡିଆଳ ବ୍ଲକର ୨୪ ବିଦ୍ୟାଳୟରୁ ଆଚାର୍ଯ୍ୟ ଓ ଅଚାର୍ଯ୍ୟା ଶିବିରାର୍ଥୀ ଭାବେ ଯୋଗଦାନ କରିଛନ୍ତି।

### ଖର୍ଚ୍ଚ ହେଲା ଲକ୍ଷାଧିକ, ଜଳୁନି ମାକ୍ସ ଲାଇଟ

ବୋଡେନ,୭।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନର ବିଭିନ୍ନ ଛକଗୁଡ଼ିକରେ ମାକ୍ସ ଏଲ୍‌ଇଡି ଲାଇଟ ଲଗାଇବାକୁ ଗତ ଅକ୍ଟୋବରରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସମସ୍ତ ସରକାରୀ ବ୍ୟବସ୍ଥା ଅନୁସାରେ ବୋଡେନରେ ମାକ୍ସ ଲାଇଟ ଲାଗିଲା। ହେଲେ ଲାଇଟ ଲାଗିବାର ୬ ମାସ ମଧ୍ୟରେ ବୋଡେନ ଷ୍ଟେଟ ବ୍ୟାଙ୍କ ଛକରେ ଥିବା ମାକ୍ସ ଲାଇଟ ଅଚଳ ହୋଇ ପଡିଛି। ଦୀର୍ଘ ଦିନ ହେଲା ବ୍ୟାଙ୍କ ଛକରେ ଅନ୍ଧାର ରହିଥିଲେ ମଧ୍ୟ ଏଥି ପ୍ରତି ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ମାକ୍ସ ଲାଇଟ ମରାମତି ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# ନକ୍‌ଆଉଟ କ୍ରିକେଟ: ମାଳିଯୁବାଙ୍ଗ ଚାମ୍ପିୟନ


ଫାଇନାଲ ମ୍ୟାଚ୍‌ରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଲାଞ୍ଜିଗଡ଼,୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଗାଁ ଖେଳପଡିଆଠାରେ ଚାଲିଥିବା ମା' କନକ ଦୁର୍ଗା ନିଜେପୁର ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଖଜୁରଗୁଡା ଓ ମାଳିଯୁବାଙ୍ଗ ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଳିଯୁବାଙ୍ଗ ବିଜୟୀ ହୋଇଛି। ମାଳିଯୁବାଙ୍ଗ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ହରାଇ ୧୮୭ ରନ କରିଥିଲା। ଖଜୁରଗୁଡା ୧୫ ଓଭର ୮ ଉଇକେଟରେ ୧୪୫ ରନ କରି ପରାଜୟ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝି, ବ୍ଲକ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବ୍ଲକ ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ବିଜେପୁର ସରପଞ୍ଚ ଜନନୀ ମାଝି, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକ ବିଜେଡି ଯୁବ ସଭାପତି ଡିଲେସ ନାଗ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚରେ ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଚେକ ଓ ଉପବିଜେତା ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଚେକ ଲାଞ୍ଜିଗଡ ବିଧାୟକ ଦିଶାରି ଉଭୟ ଦଳ ଖେଳାଳିଙ୍କୁ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ ବରୁଣ ନାଏକ ଓ ଜଗତରାମ ନାଗ ପରିଚାଳନା କରିଥିବାବେଳେ ସ୍କୋର ବୋର୍ଡରେ ହେମନ୍ତ ନାଏକ ଓ ରଞ୍ଜିତ ନାଏକ ଧାରାବିବରଣୀ ଦେଇଥିଲେ। ବିଜେପୁର ମା' କନକ ଦୁର୍ଗା ନକଆଉଟ କ୍ରିକେଟ ସଂଘ ପକ୍ଷରୁ ବରୁଣ ନାଏକ, ଜଗତରାମ ବାଗ, ରମେଶ ବାଗ, ଉମାକାନ୍ତ ନାଏକ, ମକର ନାଏକ ରାଜକିଶୋର ବାଗ, ସୁକାନ୍ତ ନାଏକ, ବରୁଣ ନାଏକ ଓ ଆମର ନାଏକ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ୨୪ଟି ଦଳ ଅଂଶ ଗ୍ରହଣ କରିଥିଲେ।

# କଳାହାଣ୍ଡି ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ଧର୍ମଗଡ଼,୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ପୋଲିସ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ରେଡ଼କ୍ରସ ରକ୍ତ ଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଧର୍ମଗଡ଼ ଡିଏସପି ଧିରଜ ଚୋପଦାର ଓ ଥାନା ଅଧିକାରୀ ଗୀତାଞ୍ଜଳି ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ, ତହସିଲଦାର ହରେକୃଷ୍ଣ ବରିହା, ସହଜିଲାପାଳ ଚିନ୍ମୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରେ ସୋସିଆଲ ୱେଲଫେୟାର୍ ଅର୍ଗାନେଜେଶନ କଳାହାଣ୍ଡି ସଙ୍ଗଠନ ପରିବାର ପକ୍ଷରୁ ଅନେକ ସଦସ୍ୟ ରକ୍ତଦାନ କରିଥିଲେ। ଏହା ସହିତ ସୋସିଆଲ ଆକ୍ଟିଭିଷ୍ଟ କଳାହାଣ୍ଡି ସହଯୋଗ କରିଥିଲେ। ବିପିଏମ ସୁମେଶ୍ୱର ନାଏକ, ବଣିକ ସଂଘ ସଭାପତି ବିଦ୍ୟଧର ସାହୁ, ବିରଞ୍ଚି ଜାଲ, ଜିଲା ପରିଷଦ ଗୋପୀ ମହାନନ୍ଦ, ଉମାକାନ୍ତ ସୁନାନୀ, ଢ଼ଘ ନାଏକ, ମହେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଶିବିରରେ ୨୧ ୟୁନିଟ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା ଅଫିସ,୭।୬

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଘାଟିପଡା ଶ୍ରୀସାଇ ମହାବିଦ୍ୟାଳୟରେ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ନ୍ୟାଶନାଲ ମହାବିଦ୍ୟାଳୟ ଅଧ୍ୟକ୍ଷା ତଥା ଜିଲା ରେଡକ୍ରସ ସଂଘ ସଭାପତି କବିତା ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ନିଜେ ବୟସକୁ ଭୂକ୍ଷେପ ନ କରି ରକ୍ତଦାନ ଦେଇ ଏକ ଉଦାହରଣ ସୃଷ୍ଟି କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଡା. ଚିତ୍ତରଞ୍ଜନ ବାରିକ, ଉଦେଯାଗୀ କିଶୋର କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଓ ପ୍ରଫୁଲ୍ଲ ରାଉତ, ଆକାଶ ମିଶ୍ରଙ୍କ ଉଦଯୋଗରେ ଶିବିର ପରିଚାଳନା ହୋଇଥିଲା। ଶ୍ରୀସାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା.ଅଶୋକ କୁମାର ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଇଂଲିଶ ଅଧ୍ୟାପକ ବିଦ୍ୟୁଷ କୁମାର ନାୟକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ।

### ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସମାବେଶ

ଲୋଇସିଂହା,୭।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଲୋଇସିଂହା ବ୍ଲକ ଯୋଗୀସର୍ଡାରେ ଅନୁସୂଚିତ ଜାତି ମୋର୍ଚ୍ଚାର ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସମାବେଶରେ ଗୌରାଙ୍ଗ ନାଏକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ମୁକେଶ ମହାଲିଙ୍ଗ ଅତିଥିଭାବେ ଯୋଗଦେଇଥିଲେ। ୮ବର୍ଷରେ ମୋଦି ସରକାର କାମ କରିଥିବା ଅନେକ ଜନହିତ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଏମ୍‌ପି ସିଂଦେଓ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀ ସଡକ ଯୋଜନାକୁ ମନେ ପକାଇଥିଲେ । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମିପ୍ରିୟା ମିଶ୍ର, ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜବାହର ଉଚ୍ଚ ବିଦ୍ୟାଳୟ ୯୮ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

କୋକସରା,୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକାରିଚଞ୍ଚରାଠାରେ ମଙ୍ଗଳବାର କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ୧୯୯୮ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସେମାନେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ ଦୀର୍ଘ ବର୍ଷ ପରେ ସାଙ୍ଗସାଥିଙ୍କୁ ନିଜ ଗହଣରେ ପାଇ ପୁରୁଣା ଦିନର ସ୍ମୃତିକୁ ପୁଣିଥରେ ମନେ ପକାଇଥିବା ସେମାନେ କହିଛନ୍ତି। ଦୀପ୍ତି ରଞ୍ଜନ ସେନାପତି, ମୋକ୍ଷରାମ ପ୍ରଧାନୀ, ଗଗନ ମେହେର, ମନୋଜ କୁମାର ବାଗ, ପ୍ରଦୀପ ବିହାରୀ, ପ୍ରହଲ୍ଲାଦ ନାଏକ, ହୃଷୀକେଶ ଘି, ପବିତ୍ର ପାତ୍ର, ନିଳେଦ୍ରି ମାଝି, ପ୍ରଭାସିନୀ ବାଗ, ପ୍ରଭାସିନୀ ମହାନନ୍ଦ, ରୀନା ମରୀ ନାଏକ, ଭାମା ଛାତ୍ରିଆ, ସୁଶୋଜିତା ମହାପାତ୍ର, ଭାମା ଛାତ୍ରିଆ, ରଶ୍ମିତା ପଟ୍ଟନାୟକ, ଦମୟନ୍ତି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# କଳାହାଣ୍ଡି ଜିଲାରେ ଭୁଷୁଡି ପଡିଛି ଶିକ୍ଷା ବ୍ୟବସ୍ଥା

**ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ**

ଭବାନୀପାଟଣା,୭।୬(ସ୍ୱ.ପ୍ର.)

ଦିନକୁ ଦିନ କଳାହାଣ୍ଡି ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଛି ବୋଲି ମଙ୍ଗଳବାର ଭବାନୀପାଟଣାସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟରେ ଦୀଘ ୨୨ ବର୍ଷ ହେଲା ବିଜେଡି ସରକାର ଶାସନ କରୁଛନ୍ତି। ହେଲେ ଶିକ୍ଷା ପ୍ରତି ଧ୍ୟାନ ଦେଉନାହାନ୍ତି। ୫-ଟି ଜରିଆରେ ସ୍କୁଲଗୁଡ଼ିକର ରୁପାନ୍ତୀକରଣ କରାଯାଉଛି। ହେଲେ ସ୍କୁଲରେ ଶିକ୍ଷକ ନାହାନ୍ତି, ପିଲା ପାଠ ପଢିବେ କିପରି। ସରକାର କେବଳ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି । ଏହାକୁ ନେଇ କଳାହାଣ୍ଡି ଯୁବ ଓ ଛାତ୍ର ଦୃଢ ପ୍ରତିବାଦ କରିବ। ଆଗାମୀ ଦିନରେ ରାଜ୍ୟ ସରକାର ଏହି ସମସ୍ୟା ପଦକ୍ଷେପ ଗ୍ରହଣ ନ କଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସମ୍ମିଳନୀରେ ଦଳୀୟ ନେତା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ଜିଲା ଯୁବ କଂଗ୍ରେସ ଉପସଭାପତି ଲିଙ୍ଗରାଜ ବେହେରା, ପିଣ୍ଟୁ ଅଗ୍ରୱାଲ, ଜିଲା ଛାତ୍ର ସଭାପତି ସୁଶାନ୍ତ କୁମାର ପ୍ରଧାନୀ, ସଦର ବ୍ଲକ ସଭାପତି ସୁବାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଉଛି।

# ଡମ୍ପିଂୟାର୍ଡ ପାଲଟିଛି ଭବାନୀପାଟଣା ସହର

**କାର୍ଯ୍ୟବନ୍ଦ ଆନ୍ଦୋଳନରେ ସଫେଇ କର୍ମଚାରୀ**

ଭବାନୀପାଟଣା,୭।୬(ସ୍ୱ.ପ୍ର.)

ସ୍ୱଚ୍ଛ ପରିମଳ, ଆମ ସହର ସ୍ଲୋଗାନ ଏହି ଚିତ୍ରକୁ ଦେଖିଲେ ଅଟହାସ୍ୟ ମନେ ହେଉଛି। ସହରର ପ୍ରତ୍ୟେକ ଗଳିକନ୍ଦିରେ ଅଳିଆ ଆବର୍ଜନାକୁ ଦେଖିଲେ ଲାଗୁଛି ଏହାର ଜନବସତି ନାଁ ଡମ୍ପିଂୟାର୍ଡ। ଏଭଳି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ। ୨୦ଟି ୱାର୍ଡ ବିଶିଷ୍ଟ ଏହି ସହରରେ ଗତ ୭ ଦିନ ହେଲା ପୌର ବିଭାଗ ପକ୍ଷରୁ ସଫେଇ କରାଯାଉନାହିଁ। ଫଳରେ ରାସ୍ତା ମଝିରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ଭବାନୀପାଟଣା ପୌରପାଳିକାରେ ୨୩୦ଜଣ ସଫେଇ କର୍ମଚାରୀ ରହିଥିବା ବେଳେ ସରକାରୀସ୍ତରରେ ନିଯୁକ୍ତି ଦାବି ନେଇ ଗତ ୭ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି ସଫେଇ କର୍ମଚାରୀ ସଂଘ। ପୌର ବିଭାଗ ପକ୍ଷରୁ ପରିମଳ ବ୍ୟବସ୍ଥା ପାଇଁ ଏକ ଠିକା ସଂସ୍ଥାକୁ ଟେଣ୍ଡର ଦିଆଯାଇ ସମସ୍ତ ସଫେଇ କର୍ମଚାରୀଙ୍କୁ ଟେଣ୍ଡର ପାଇଁ ଥିବା ସଂସ୍ଥା ଅଧୀନରେ କାର୍ଯ୍ୟ କରିବା ନେଇ ପୌର ବିଭାଗ ନିଷ୍ପତ୍ତି ନେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ୨୭୪ ଦିନରୁ ଊର୍ଦ୍ଧ୍ୱ ଦିନ କାମ କରିଥିବା ସଫେଇ କର୍ମଚାରୀଙ୍କୁ ଏନ୍‌ଏମଆର ମାଧ୍ୟମରେ ସ୍ଥାୟୀ ନିଯୁକ୍ତି ଦେବା ବ୍ୟବସ୍ଥା ରହିଥିବା ବେଳେ ଭବାନୀପାଟଣା ପୌର ବିଭାଗ ଏହି ନିୟମକୁ ଅଣଦେଖା କରୁଛି। ତେଣୁ ସମସ୍ତ ସଫେଇ କର୍ମଚାରୀ ଧାରଣାରେ ବସିଥିବା ବେଳେ ସମସ୍ୟା ସମାଧାନ ପାଇଁ କାଉନ୍ସିଲିଂ ବୈଠକ ଅନୁଷ୍ଠିତ ହୋଇଛି। କିନ୍ତୁ କୌଣସି ସମାଧାନ ନ ବାହାରିବାରୁ ଆନ୍ଦୋଳନ ଜାରି ରଖିଛି ସଂଘ। ସେପଟେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ରାସ୍ତା ଉପରେ ଅଳିଆ ଆବର୍ଜନା ସହ ଡ୍ରେନେଜ ସଫା ହେଉ ନ ଥିବାରୁ ଦୁର୍ଗନ୍ଧରେ ସହରବାସୀ ଅଣନିଶ୍ୱାସୀ ହେଉଛନ୍ତି। ଯଥାଶୀଘ୍ର ପୌର ବିଭାଗ ସମସ୍ୟା ସମାଧାନ କରିବା ପାଇଁ ସହରବାସୀ ଦାବି କରିଛନ୍ତି। ଏ ନେଇ ପୌର ଅଧିକାରୀ ବଳୟ ଦେହୁରୀଙ୍କୁ ପଚାରିବାରୁ ସଫେଇ କର୍ମଚାରୀଙ୍କ ଦାବି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ଯଥାଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।



ସଫେଇ ନ ହେବାରୁ ରାସ୍ତା କଡ଼ରେ ଅଳିଆ ଆବର୍ଜନା ପଡ଼ିରହିଛି।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୮ ଜୁନ୍, ୨୦୨୨



## ମୋବାଇଲ ଚୋରି ର୍ୟାକେଟ ସକ୍ରିୟ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ସହରରେ ମୋବାଇଲ ଚୋର ର୍ୟାକେଟ ସକ୍ରିୟ ରହିଛି । ମଙ୍ଗଳବାର ମୋବାଇଲ ଚୋରି କରୁଥିବା ସମୟରେ ଏହି ର୍ୟାକେଟର ଜଣେ ସଦସ୍ୟଙ୍କୁ ଜନସାଧାରଣ ଧରି ପୋଲିସ ଜିମା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ସହରର ବୁଦ୍ଧଦେବ ପଡିଆ ଦୈନିକ ପରିବା ବଜାରରେ ଜଣେ ମୋବାଇଲ ଚୋର ଜଣଙ୍କ ମୋବାଇଲ ନେଇ ଦୌଡି ପଳାଇ ଯାଉଥିଲା । ଏହି ସମୟରେ ସେଠାରେ ଥିବା ଲୋକେ ତାଙ୍କୁ କାବୁ କରି ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ । ଚୋର ଜଣକ ଘର ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ବୋଲି ଜଣାପଡିଛି ।

## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦ୍ୱିତୀୟ ଦିବସରେ

ବୌଦ୍ଧ,୭।୬(ସ୍ୱ.ପ୍ର.): ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ସର୍ଗୀପାଲି ଗ୍ରାମ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀଙ୍କ ପକ୍ଷରୁ ଦିଆଯାଇଥିବା ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଦାବି ପୂରଣ ପାଇଁ ଗତ ସୋମବାରଠାରୁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଛନ୍ତି। କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଗଣଧାରଣାରୁ ଓହରିବୁ ନାହିଁ ବୋଲି ଅଡି ବସିଛନ୍ତି। ପ୍ରକାଶଥାଉ କି କନ୍ଧମାଳ ପଞ୍ଚାୟତର ସର୍ଗୀପାଲି ମୌଜାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସର୍ଗୀପାଲିଠାରୁ ବାନ୍ଧପାଲି ରାସ୍ତାରେ ଜିଆଇ ମେଟାଲିଙ୍ଗ କାମ ହୋଇଅଛି। କିନ୍ତୁ ଉକ୍ତ ରାସ୍ତା କାମରେ ଜେଇ ଓ ଜିଆରଏସ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

### ଭାଜପା ମହିଳା ଏସ୍‌ଏଚ୍‌ଜି ସମାବେଶ

ପଦ୍ମପୁର,୭।୬(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ମହୁଲପାଲି ଗ୍ରାମରେ ଭାଜପା ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଏକ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପୂର୍ବତନ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ରାଜୁ ଘିବେଲା, ଜିଲା ସାଧାରଣ ସମ୍ପାଦକ ସରୋଜ ପାଣିଗ୍ରାହୀ, ଜିଲା ପରିଷଦ ସଦସ୍ୟା ସରସତୀ ସାହୁ, ଚୂଡାମଣି ସାହୁ, ସରପଞ୍ଚ ପଙ୍କଜିନୀ ବେହେରା, ସମିତି ସଭ୍ୟ ମୁରଲୀ ସାହୁ ପ୍ରମୁଖ ଯୋଗଦାନ କରି କେନ୍ଦ୍ର ସରକାର ମହିଳାମାନଙ୍କ ପାଇଁ ଲାଗୁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ।

### ଅଙ୍ଗ ନଦୀରେ ପୋଲ ପାଇଁ ଟେଣ୍ଡର

ପଦ୍ମପୁର, ୭।୬(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରା ଚର୍ଦାପାଲି ମଝିରେ ବହିଯାଇଥିବା ଅଙ୍ଗ ନଦୀରେ ପୋଲ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଫଳରେ ବିଛିନ୍ନାଞ୍ଚଳ ଚର୍ଦାପାଲି ଗ୍ରାମ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଅଙ୍ଗ ନଦୀରେ ପୋଲ ନିମାଣ ପାଇଁ ୨୦୧୪ ମସିହାରୁ ଆନ୍ଦୋଳନ କରାଯାଇଥିଲା। ବର୍ଷା ସମୟରେ ଉକ୍ତ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢିଯାଏ। ବିପଦପୂର୍ଣ୍ଣ କାଠ ଡଙ୍ଗା ସାହାଯ୍ୟରେ ଜୀବନକୁ ବାଜି ଲଗାଇ ଲୋକେ ଯାତାୟାତ କରନ୍ତି। ସରକାରୀ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟକୁ ଲୋକେ ଛତିଶଗଡ ଯାଇ କରୁଥିଲେ।

### ଦୟାନିଧିଙ୍କୁ ଆବାସ ଯୋଜନା ସ୍ୱପ୍ନ

ପଦ୍ମପୁର, ୭।୬(ଡି.ଏନ.ଏ.): ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ କଂସର ଗ୍ରାମପଞ୍ଚାୟତ ଅଧୀନ କୁଡାସିଂହା ଗ୍ରାମର ଦୟାନିଧି ମହାନନ୍ଦ। ସେ ଜଣେ ଭିକ୍ଷକ୍ଷମ, ଅସହାୟ ଗରିବ ଲୋକ। ମୁଣ୍ଡ ଗୁଞ୍ଜିବାକୁ ଛାତ ଘର ନାହିଁ। ଫଳରେ ସେ ଭଙ୍ଗା ଦଦରା ଘରେ ରହୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ସେ ଅନେକ ଥର ଗ୍ରାମପଞ୍ଚାୟତ, ବ୍ଲକ ପ୍ରଶାସନକୁ ଜଣାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସ୍ଥିତି ଅନୁଧାନ, ଆକ୍ରାନ୍ତଙ୍କୁ ଭେଟିଲେ

## କିଡ଼ନୀ ଆକ୍ରାନ୍ତ ଘଣ୍ଟପାଲି ଗାଁରେ ଉପଜିଲାପାଳ

ଅମରପାଲି,୭।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପାଲି ଗ୍ରାମରେ କିଡନୀ ରୋଗ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ଇତିମଧ୍ୟରେ ଗାଁର ଅନେକ ଆକ୍ରାନ୍ତଙ୍କ ମୃତ୍ୟୁ ଘଟି ସାରିଲାଣି। ଏବେବି କେତେଜଣ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ଥାନରେ ଏବେ ଘରେ ରହି ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ସ୍ଥିତି ପରଖିବାକୁ ଘଣ୍ଟାପାଲି ଗାଁରେ ପହଞ୍ଚି ଥିଲେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଓ ତହସିଲଦାର ବବୁଧ ଗଡ଼ନାୟକ। କିଡ଼ନୀ ରୋଗ ବ୍ୟାପିବାର କାରଣ ଓ ଏହାର ନିରାକରଣ କିପରି କରାଯାଇ ପାରିବ ସେ ନେଇ ଉଭୟ ପ୍ରଶାସନିକ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କେତେକ ରୋଗୀ କିଡ଼ନୀ ପ୍ରତିରୋପଣ କରିଥିଲେ ମଧ୍ୟ ସଫଳ ହୋଇ ନ ଥିବା ଏହି ଅବସରରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୂଷିତ ପାଣି ଯୋଗୁଁ କିଡ଼ନୀ ରୋଗୀ ବ୍ୟାପୁଥିବା ଗ୍ରାମବାସୀ କହିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗାଁକୁ ବିଭାଗୀୟ ଅଧିକାରୀମାନେ ଆସିଥିଲେ ମଧ୍ୟ କୌଣସି ଆଖିଦୃଷ୍ଟିଆ ପ୍ରତିକାର କରାଯାଇ ନ ଥିବା ସମ୍ପର୍କରେ ସେମାନେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଜିଲାପାଳଙ୍କୁ ସାକ୍ଷାତ୍ କରି ଦୂଷିତ ପାଣି ଯୋଗୁଁ ଗ୍ରାମରେ କିଡ଼ନି ରୋଗ ବ୍ୟାପୁଛି ବୋଲି ଅଭିଯୋଗ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଅଭିଯୋଗ ପାଇଲା ପରେ ଜିଲାପାଳ ଆବୋଲି ସୁନୀଲ ନରୱେଣଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ କରିବାକୁ ଉପଜିଲାପାଳ ଭୋଇ ମଙ୍ଗଳବାର ଘଣ୍ଟପାଲିରେ ପହଞ୍ଚିଥିଲେ। ଗ୍ରାମବାସୀ ଅମୃତ ଧାରା ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ଦାବି କରିଥିଲେ। ଏଥିସହିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗ୍ରାମକୁ ଆସି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବାକୁ ଗ୍ରାମବାସୀ ଦାବି କରିଥିଲେ।


ଘଣ୍ଟପାଲି ଗ୍ରାମବାସୀଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

# ବାଇକ୍ ଧକ୍କାରେ ଗଲା ଦୁଗ୍ଧଚାଷୀଙ୍କ ଜୀବନ

ବିନିକା,୭।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଜାମପାଲି-ସିଂଘିଯୁବା ମଧ୍ୟବର୍ତ୍ତୀ ବିନିକା ଥାନା ଅନ୍ତର୍ଗତ ମହୁଲ ବୁରେଇ ନିକଟରେ ମଙ୍ଗଳବାର ସକାଳ ଏକ ବାଇକ ଧକ୍କାରେ ଯାଇଛି ଜଣେ ଦୁଗ୍ଧଚାଷୀଙ୍କ ଜୀବନ। ମୃତକ ହେଲେ ସିଂଘିଯୁବା କଲୋନୀପଡାର ସୁଦର୍ଶନ ଭୁଏ(୪୫)। ସକାଳ ପ୍ରାୟ ସାଢେ ୬ଟାରେ ସବୁଦିନ ଭଳି ସୁଦର୍ଶନ କ୍ଷୀର ଜମା ଦେବାକୁ ଜାମପାଲି ମିଲ୍କମନ୍ତ୍ର ଦୁଗ୍ଧ ସଂଗ୍ରହ କେନ୍ଦ୍ରକୁ ଯାଇଥିଲେ। କ୍ଷୀର ଦେଇସାରି ସାଇକେଲରେ ଘରକୁ ଫେରୁଥିବା ବେଳେ ଘରଠାରୁ ମାତ୍ର ୨କିମି ଦୂର ମହୁଲବୁରେଇ ନିକଟରେ ଦ୍ରୁତଗତିରେ ଆସୁଥିବା ବାଇକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସୁଦର୍ଶନ ସାଇକେଲରୁ ଛିଟିକି ମୁଖ୍ୟ ରାସ୍ତାରେ ପଡିଥିଲେ। ଅପରପକ୍ଷରେ ଧକ୍କା ଦେବା ପରେ ବାଇକ ସହିତ ୨ ଆରୋହୀ ରାସ୍ତାପାର୍ଶ୍ୱ ଖେତକୁ ଖସି ପଡିଥିଲେ । ସେମାନେ ହେଲେ ସମ୍ବଲପୁର ଜିଲା ଧମା ଥାନା ମାନେଶ୍ୱର ସର୍ଗିପାଲି ଗ୍ରାମର କୃଷ୍ଣଚନ୍ଦ୍ର ବାଘ(୪୧) ଏବଂ ଲକ୍ଷ୍ମଣ ଭୋଇ(୨୨)। ସେମାନେ ବାଇକ(ନଂ-ଓଡି.୧୫ଟି୬୩୧୪)ରେ ବରପାଲି ଅଭିମୁଖେ ଯାଉଥିବା ଜଣାପଡିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସୁଦର୍ଶନ, କୃଷ୍ଣଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୋଲିସ ବାଇକ ଏବଂ ସାଇକେଲ ଜବତ କରଛି। ପ୍ରାଥମିକ ଚିକିତ୍ସା ପରେ ପରେ ୨ବାଇକ ଅରୋହୀଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି ପୋଲିସ। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରେଡକ୍ରସ ପକ୍ଷରୁ ସିଂଘିଯୁବା ଆର୍.ଆଇ ମୃତକଙ୍କ ପରିବାରକୁ ୨୦ହଜାର ଟଙ୍କା ଓ ସଂଘିଯୁବା ଗ୍ରାମପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଛି। ପ୍ରକାଶଥାଉକି ମୃତକଙ୍କ ସ୍ତ୍ରୀ ଉର୍ବଶୀ ପାରାଲିସି ରୋରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ। ସୁଦର୍ଶନ ମୂଲ ମଜୁରି ଲାଗିବା ସହ ୨ଟି ଗାଈ ରଖି ପରିବାର ପ୍ରତିପୋଷଣ କରୁଥିଲେ। ବାପାଙ୍କ ମୃତ୍ୟୁ ପରେ ଝିଅ ରଶ୍ମିତା(୧୭) ଓ ପୁଅ ଟିଙ୍କୁ(୧୪) ବେସାହାରା ହୋଇଯାଇଛନ୍ତି। କିପରି ଜୀବନ ଜିଇଁବେ ଓ ମାଙ୍କ ଚିକିତ୍ସା କରାଇବେ ତାହାକୁ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ଅବିଳମ୍ବେ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# କାର୍ଯ୍ୟାଳୟ ସହାୟକ କର୍ମଶାଳା ଉଦ୍‌ଯାପିତ


ଉଦ୍‌ଯାପନୀ ସଭାରେ ଅତିଥିମାନେ।

ଡୁଙ୍ଗୁରିପାଲି, ୭।୬(ଡ଼.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ମନ୍ଦିରଠାରେ ଶିକ୍ଷା ବିକାଶ ସମିତି ଓଡିଶା ଦକ୍ଷିଣ ପଶ୍ଚିମ ସମ୍ଭାଗ ପକ୍ଷରୁ ଚାଲିଥିବା ତ୍ରିଦିବସୀୟ କାର୍ଯ୍ୟାଳୟ ସହାୟକ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମ ସମ୍ଭାଗ ଅନ୍ତର୍ଗତ ୭୫ ବିଦ୍ୟାଳୟରୁ ୮୦ଜଣ କାର୍ଯ୍ୟାଳୟ ସହାୟକ ପ୍ରଶିକ୍ଷଣ ନେଇଥିଲେ। ସେମାନଙ୍କ ମଧ୍ୟରେ ୭୮ଜଣ ଗୁରୁଜୀ ଓ ୨ଜଣ ଗୁରୁମା ଥିଲେ। କର୍ମଶାଳରେ ୧୫ଟି କାଳାଷ ପିରିୟଡ଼କୁ ୭ ପ୍ରଶିକ୍ଷକ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷାଦାନ ଶେଷରେ ପରୀକ୍ଷା କରାଯାଇ ଫଳ ପ୍ରକାଶ କରାଯାଇଥିଲା। କର୍ମଶାଳାର ବିଭିନ୍ନ ସମୟରେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ, ପ୍ରଭୁଦତ୍ତ ନାୟକ, ପୁରାତନ ଛାତ୍ରୀ ଡା, ଆଙ୍କାକ୍ଷା ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଆର୍ଥିକ ସମୀକ୍ଷକ ଲକ୍ଷ୍ମୀଧର ସ୍ୱାଇଁ ମାର୍ଗଦର୍ଶନ କରିଥିଲେ। ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା କର୍ମଶାଳାର ଶିକ୍ଷାକୁ କିପରି ବିଦ୍ୟାଳୟରେ ପ୍ରୟୋଗ କରାଯିବ ସେ ବିଷୟରେ ମତ ରଖିଥିଲେ। ସମ୍ଭାଗ କାର୍ଯାଳୟ ପ୍ରମୁଖ ଜ୍ଞାନରଞ୍ଜନ ପାଢ଼ୀ କର୍ମଶାଳା ବିବରଣୀ ପାଠ କରିଥିଲେ। ଡୁଙ୍ଗୁରିପାଲି ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସଦସ୍ୟ ଆଲିଶା ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ନୂଆପଡା ବିଭାଗ ନିରୀକ୍ଷକ ପ୍ରକାଶଚନ୍ଦ୍ର ମହାନ୍ତି ଓ ସୁବର୍ଣ୍ଣପୁର ବିଭାଗ ନିରୀକ୍ଷକ ଗୁପ୍ତେଶର ଥାନାପତି ବ୍ୟବସ୍ଥାପକ୍ଷ ଓ ବଲାଙ୍ଗୀର ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର ବୈଦ୍ଧିକ ବ୍ୟବସ୍ଥା ସମ୍ପାଦନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ନାଏକ, ଗୁରୁମା, ଗୁରୁଜୀ କର୍ମଶାଳାର ସଫଳ ସମାପନରେ ସହଯୋଗ କରିଥିଲେ।

# ସମବାୟ ନିର୍ବାଚନ ନେଇ ଜିଲାସ୍ତରୀୟ ବୈଠକ

ବୌଦ୍ଧ,୭।୬(ସ୍ୱ.ପ୍ର.)

ବୌଦ୍ଧ ଜିଲାର ସମବାୟ ସମିତିଗୁଡିକରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବାକୁ ଏକ ଜିଲାସ୍ତରୀୟ ବୈଠକ ମଙ୍ଗଳବାର ଦିନ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବହେରା, ଉପଜିଲାପାଳ ସନତ କୁମାର ନାଏକ, ଡିଏସପି ଦେବାଶିଷ ଧଳ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂହ, ସମବାୟ ସମିତି ସମୁହ ବୌଦ୍ଧର ମଙ୍ଗଳ ସରେନ,ଏଡିଇଓ ଘନଶ୍ୟାମ ମେହେର,ଏଚପିଓ ସୁଧାଂଶୁ ଭୁଷଣ ସା, ସମବାୟ ନିରୀକ୍ଷକ ଗୁରୁଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ପ୍ରାଥମିକ ସମବାୟ ସମିତିଗୁଡିକରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେଉଥିବା ବେଳେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ତା୧୯.୬.୨୦୨୨ ରିଖରେ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୨୬.୬.୨୦୨୨ରେ ଅନୁଷ୍ଠିତ ହେବ। ଉଭୟ ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାରେ ହେବ ସେ ନେଇ ଜିଲାପାଳ ମିଶ୍ର ଗୁରୁତ୍ୱ ଆରୋପ କରିଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ୧୦ଗୋଟି ସମିତି ଖୁଣ୍ଟବନ୍ଧ, ଆମ୍ବଝରୀ, ସରସରା, ପୁରୁଣାକଟକ, ଶଙ୍କୁଲୋଇ, କୁସଙ୍ଗ,ଆଡେଣୀଗଡ, ସିମିଳିପଦର, ଯୋଗିନ୍ଦ୍ରପୁର ଓ କନ୍ଧମାଳ ସେବା ସମବାୟ ସମିତିରେ ହେବାକୁ ଥିବା ବେଳେ ସେଥିମଧ୍ୟରୁ ଉତ୍ତେଜନା ପ୍ରବଣ ସମିତିଗୁଡିକରେ କଡା ସୁରକ୍ଷାରେ ନିର୍ବାଚନ କରାଯିବ ବୋଲି ସମବାୟ ସମିତି ସମୂହ ସରେନ ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନର ୨୮ ଗୋଟି ସମିତିର ସମସ୍ତ କମିଟି ସଦସ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ହୋଇଥିବା ୨୮ ଗୋଟି ସମିତିର ସଭାପତି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୪୦ ଗୋଟି ସମବାୟ ସମିତିର ନିର୍ବାଚନ ହେବାକୁ ଥିବା ବେଳେ କିପରି ପ୍ରସ୍ତୁତି ଚାଲିଛି ସେ ନେଇ ଜିଲାପାଳ ମିଶ୍ର ସମୀକ୍ଷା କରିବା ସହ ଜିଲାରେ ନିୟମ ଅନୁଯାୟୀ ନିର୍ବାଚନ କରିବାକୁ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ ।

# ଶିଶୁ ଶ୍ରମ ନିରାକରଣ ପାଇଁ ସଚେତନତା ଶୋଭାଯାତ୍ରା


ଅତିରିକ୍ତ ଜିଲାପାଳ ପତାକା ଦେଖାଇ ରାଲିର ଶୁଭାରମ୍ଭ କରୁଛନ୍ତି।

ସୋନପୁର, ୭।୬(ନି. ପ୍ର )

ସୁବର୍ଣ୍ଣପୁରରେ ଶିଶୁ ଶ୍ରମିକ ଓ ଶିଶୁ ନିର୍ଯାତନାକୁ ପ୍ରତିହତ କରି ଶିଶୁ ଶ୍ରମମୁକ୍ତ ଜିଲା ଗଠନ ନିମନ୍ତେ ଶ୍ରମ ବିଭାଗ ତରଫରୁ ମେ ୨୯ରୁ ଚଳିତ ମାସ ୧୨ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ମଙ୍ଗଳବାର ଶିଶୁ ଶ୍ରମ ନିରାକରଣ ସଚେତନତା ଶୋଭାଯାତ୍ରା ଶିଶୁ ଶ୍ରମ ଓ ଶିଶୁ ନିର୍ଯାାତନାର ବାର୍ତ୍ତା ନେଇ ସୋନପୁର ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ଜିଲାରେ ଶିଶୁ ଶ୍ରମ ତଥା ଶିଶୁ ନିର୍ଯାତନା ନିରାକରଣ ନିମନ୍ତେ ପ୍ରତ୍ୟେକ ସ୍ତରରେ ମାନବିକ ମୂଲ୍ୟବୋଧ ପୂର୍ବକ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରିଥିଲା। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ମଙ୍ଗଳ କମିଟିର ଭାରପ୍ରାପ୍ତ ସଭାପତି ମଧୁସୂଦନ ପ୍ରଧାନ, ଡିଆଇପିଆର ଅଶ୍ୱିନୀ କୁମାର ଭୋଇ, ଅନଙ୍ଗ ନେଗୀ, ଶ୍ରମିକ ସଂଗଠନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ।

# ସତ୍ୟଜିତ ଗଡୁଆଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର


ସତ୍ୟଜିତ ଗଡୁଆ ଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଉଛି।

ଅମରପାଲି, ୭।୬(ଡି.ଏନ.ଏ)

ସୁବର୍ଣ୍ଣପୁର ବନଖଣ୍ଡ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଉଲୁଣ୍ଡା ରେଞ୍ଜ ଅଧିନ କୋଟସମଲେଇ ପଞ୍ଚାୟତ ଅନ୍ତର୍ଗତ ଖଜୁରିଆପାଲି ଗ୍ରାମର ସତ୍ୟଜିତ ଗଡୁଆଙ୍କୁ 'ପ୍ରକୃତି ବନ୍ଧୁ ପୁରସ୍କାର-୨୨ରେ ସମ୍ମାନିତ କରାଯାଇଛି। ବନ୍ୟ ଜୀବଜନ୍ତୁଙ୍କ ପାଇଁ ଗ୍ରୀଷ୍ମଋତୁରେ ପିଇବା ପାଣି ବ୍ୟବସ୍ଥା କରିବା, ଜଙ୍ଗଲରେ ଔଷଧୀୟ ବୃକ୍ଷର ସୁରକ୍ଷା, ଜଙ୍ଗଲର ନିଆଁକୁ ଆୟତ୍ତ କରିବା ଓ ଜନସଚେତନତା ସୃଷ୍ଟି କରିବା ଭଳି ପ୍ରକୃତିର ସେବାରେ ଗଡୁଆଙ୍କ ରୁଚି ରହିଛି।

# ସତ୍ୟ ସେବକ ଯୁବକ ସଂଘକୁ ପ୍ରକୃତି ମିତ୍ର ପୁରସ୍କାର


ସତ୍ୟସେବକ ଯୁବକ ସଂଘକୁ ପୁରସ୍କୃତ କରାଯାଉଛି।

ଅମରପାଲି, ୭।୬(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସତ୍ୟ ସେବକ ଯୁବକ ସଂଘକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଶ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଜଙ୍ଗଲ ଏବଂ ପରିବେଶ ବିଭାଗ ସଚିବ ମୋନା ଶର୍ମା ସଂଘ ସମ୍ପାଦକ ସଚ୍ଚିଦାନନ୍ଦ ସାହୁଙ୍କୁ ମାନପତ୍ର ଓ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ମାହେଶ୍ୱରୀଙ୍କ ନବକଳେବର ପାଇଁ କଳସଯାତ୍ରା

ଅମରପାଲି, ୭।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମରେ ମା' ମାହେଶ୍ୱରୀ ବିଗ୍ରହଙ୍କ ନବକଳେବର ପାଇଁ ମଙ୍ଗଳବାରଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା ଚକାବରର ରଜା ବନ୍ଧଠାରୁ ଆରମ୍ଭ ହୋଇ ଗ୍ରାମରେ ପହଞ୍ଚିବା ପରେ ନାମ ମଣ୍ଡପ ଓ ମାହେଶ୍ୱରୀ ପୀଠ ସମ୍ମୁଖରେ ହୋଇଥିବା ଯଜ୍ଞ ମଣ୍ଡପରେ ଘଟ ସ୍ଥାପନା କରାଯାଇଥିଲା। ଆସନ୍ତା ୫ ଦିନ ଧରି ହେବାକୁଥିବା ଏହି ଉତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞ ସାଙ୍ଗକୁ ମୀନାବଜାର ଓ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବୁଧୁବାର ନାମଯଜ୍ଞ ଆରମ୍ଭ ହେବ। ଗୁରୁବାର ଦେବୀ ସ୍ନାନ ଓ ନ୍ୟାସ ପ୍ରତିଷ୍ଠା, ଶୁକ୍ରବାର ଦେବୀ ପୂଜନ ଓ ଚଣ୍ଡୀପାଠ, ଶନିବାର ଦେବୀଙ୍କ ମନ୍ଦିର ପ୍ରବେଶ ଓ ନାମଯଜ୍ଞ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହେବ। ବୁଧୁବାର ରାତ୍ରିରେ ସୁରେଶରୀ ମହିଳା ଦଣ୍ଡନୃତ୍ୟ, ଗୁରୁବାର ରାତିରେ ପାତାଳୀ ଶ୍ରୀକ୍ଷେତ୍ର କଳା ପରିଷଦର କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଓ ଶୁକ୍ରବାର ମା ମେଲୋଡି ଓ ଶନିବାର ରୁକୁ ସୁନା ଅର୍କେଷ୍ଟ୍ରା ପରିବେଷିତ ହେବାର କାର୍ଯ୍ୟକ୍ରମ ରହିଛି ।


ମା' ମାହେଶ୍ୱରୀଙ୍କ ନବକଳେବର ପାଇଁ କଳସ ଯାତ୍ରା।

# କଂକ୍ରିଟକରଣ ହେବ ଜିଲାର ସମସ୍ତ ତନ୍ତଗର୍ତ୍ତ

## ପ୍ରାକୃତିକ ରଙ୍ଗ ତାଲିମ ଶିବିର ଉଦ୍‌ଘାଟିତ

ସୋନପୁର, ୭।୬(ନି. ପ୍ର )

ସୁବର୍ଣ୍ଣପୁର ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଦ୍ୱାରା ସ୍ଥାନୀୟ ଓରମାସ ତାଲିମ କେନ୍ଦ୍ରରେ ପ୍ରାକୃତିକ ରଙ୍ଗ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଶିବିର ୪୫ ଦିନ ଧରି ଚାଲିବ। ପ୍ରାକୃତିକ ରଙ୍ଗ ତାଲିମ ପାଇଁ ୨୦ଜଣ ହିତାଧିକାରୀଙ୍କୁ ପୂର୍ବରୁ ଚୟନ କରାଯାଇଥିଲା । ଶିବିରର ମୂଳ ଲକ୍ଷ୍ୟ ଓ ଉଦେଶ୍ୟକୁ ସାକାର କରିବାକୁ ଜିଲାର ବୟନଶିଳ୍ପ ଅଧିକାରୀମାନେ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାହକମାନଙ୍କୁ ଆଗାମୀ ଦିନରେ ସ୍ୱାସ୍ଥ୍ୟ ଉପଯୋଗୀ ଲୁଗା ଯୋଗାଇ ଦେବା ପାଇଁ ଶିବିରର୍ଥୀମାନଙ୍କୁ ଠିକ୍ ତାଲିମ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଜିଲାର କୌଣସି ତନ୍ତଗର୍ତ୍ତ ଯେପରି ବିନା କଂକ୍ରିଟରେ ନ ରହିବ ତା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ୨୦ ଗୋଟି ତନ୍ତରେ ପ୍ରାକୃତିକ ରଙ୍ଗରେ ରଂଗାୟିତ ସୂତାରେ ଲୁଗା ବୁଣିବା ପାଇଁ ଲକ୍ଷ୍ୟ ରଖା ଯାଇଥିବା ଓ ପରେ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ତନ୍ତ ସଂଖ୍ୟାକୁ ବୃଦ୍ଧି କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଓଡିଶା ବୟନ ଶିଳ୍ପ ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ଗନ୍ତାୟତ, ଉପନିର୍ଦ୍ଦେଶକ ବୟନ ଶିଳ୍ପ,କେବିକେ ଡିଭିଜନ କୋରାପୁଟ, ଶିଶିର କୁମାର ନାଗ ଉପନିର୍ଦ୍ଦେଶକ ତଥା ମ୍ୟାନେଜିଙ୍ଗ ଡାଇରେକ୍ଟର ସମ୍ବଲପୁରୀ ବାସ୍ତ୍ରାଳୟ,ବରଗଡ଼, ଶାନ୍ତନୁ କୁମାର ମେହେର, ଉପନିର୍ଦ୍ଦେଶକ, ବୟନ ଶିଳ୍ପ ସୋନପୁର, ଯୁବରାଜ ସାହୁ ଜିଲା ଓରମାସ ଅଧିକାରୀ ସୋନପୁର, ହେମନ୍ତ କୁମାର ମିଶ୍ର ବାଣିଜ୍ୟ ଅଧିକାରୀ ସମ୍ବଲପୁରୀ ବାସ୍ତ୍ରାଳୟ ବରଗଡ଼, ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ସମ୍ପାଦକ ସମ୍ବଲପୁରୀ ବସ୍ତ୍ରାଳୟ ବରଗଡ଼ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।


ଜିଲାପାଳ ଆବୋଲି ସୁନିଲ ନରୱାଣେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଜରାସିଂହାରୁ ଚୋରି, ବହଲି ଛକରେ ମାରଣାସ୍ତ୍ର ଦେଖାଇ ଲୁଟ୍

ଦେଓଗାଁ, ୭।୬(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବସଷ୍ଟାଣ୍ଡର ଏକ ଦୋକାନରୁ ଚୋରି ଉଦ୍ୟମ ଫେଲ୍ ମାରିବା ପରେ ଜରାସିଂହା ହାଇସ୍କୁଲ ଛକରେ ଥିବା ଏକ ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସୂଚନା ଅନୁସାରେ ଦେଓଗାଁ ବସଷ୍ଟାଣ୍ଡ ନିକଟରେ ବିରେନ ପାତ୍ରଙ୍କ ଏମଏମଏସ ମୋବାଇଲ ଦୋକାନକୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ତାଲାଗୁଡିକୁ କର୍ଟରରେ କାଟିଥିଲେ। ହେଲେ କବାଟର ଭିତର ପଟରୁ ଲକ୍ ହୋଇଥିବାରୁ ଚୋର ମାନେ କବାଟ ଖୋଲି ପାରି ନ ଥିଲେ। ସେପରି ଏହି ଦିନ ଜରାସିଂହା ହାଇସ୍କୁଲ ଛକରେ ଥିବା ନରେଶ ସାଙ୍କ ପାନ ଦୋକାନର କବାଟ ଭାଙ୍ଗି ଅନେକ ସାମଗ୍ରୀ ଚୋରି କରି ନେଇଥିବା ନରେଶ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଚୋରୀ ଘଟଣା ଗୋଟିଏ ଦଳର କାର୍ଯ୍ୟ ବୋଲି ଅନୁମାନ କରାଯାଉଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସଇଁତଲା ପଟରୁ ରୂପା ସାମଗ୍ରୀ ବିକ୍ରି କରି ଫେରୁଥିବାବେଳେ ଦେଓଗାଁର ବସୁ ପାତ୍ରଙ୍କୁ ବହଲି ଛକ ୨୬ ନଂ ଜାତୀୟ ରାଜପଥରେ ଜଣେ ମୁଖା ପିନ୍ଧା ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ୫ ହଜାର ଟଙ୍କା ଓ ରୂପା ସାମଗ୍ରୀ ଲୁଟି୍ ନେଇଥିବା ଥାନାରେ ଅଭିଯୋଗ ହୋଇଛି।

### ନୃସିଂହନାଥ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ

ପାଇକମାଳ, ୭।୫(ଡି.ଏନ.ଏ.): ପାଇକମାଳ ବ୍ଲକ ନୃସିଂହନାଥ ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ନୃସିଂହନାଥ ଭୋଗମଣ୍ଡପଠାରେ ଏବିଡିଓ ଦେବାଶିଷ ସିହ୍ନାଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଳ ମାଉସୀ ମା' ମନ୍ଦିର କମିଟି ସଦସ୍ୟ ଓ ଅନ୍ୟ ଜଗନ୍ନାଥ ସେବକମାନେ ଯୋଗଦାନ କରିଥିଲେ। ନୃସିଂହନାଥରୁ ପାଇକମାଳ ୪ କି.ମି. ଦୂର ରଥଯାତ୍ରା ହେଉଥିବାରୁ ଯାତାୟାତ ଶୃଙ୍ଖଳିତ ଭାବେ କରାଯିବା ପାଇଁ ମତପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗୋଟିଏ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ମାଉସୀ ମା' ଓ ନୃସିଂହନାଥ ରଥଯାତ୍ରା କମିଟି ମିଳିତ ଭାବେ ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା କରିବା ପାଇଁ ଆଲୋଚନା କରାଯାଇଥିଲା। ବିନୋଦ କାଳିଆ, ଗୌତମ ସିଂ, ରାଜେନ୍ଦ୍ର ରାଉତ, ସନ୍ତୋଷ ପାଣିଗ୍ରାହୀ, କୁସୁମ ରାଓ, ସରତ ବଡପଣ୍ଡା, ନରେନ୍ଦ୍ର ସାହୁ, ଗିରିଶ ନାୟକ, ଗୋବର୍ଦ୍ଧନ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ଚିତ୍ତ ସରାଫ, ମାତୃପ୍ରସାଦ ରଥ, ବଡ ଶତପଥି, ସୁରଥ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସୋହେଲାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ସୋହେଲା,୭।୬(ଡି.ଏନ.ଏ): ବରଗଡ଼ ଜିଲା ସୋହେଲା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ୩୦ଜଣଙ୍କ ଅଭିଯୋଗ ଶୁଣିଥିଲେ ଏବଂ ସେ ନେଇ ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କନଗାଁ ପଞ୍ଚାୟତ ବାଦିପାଲି ଗ୍ରାମର ଦିବ୍ୟାଙ୍ଗ ଅଲେଖ ବାଗଙ୍କୁ ଜିଲାପାଳ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ବରଗଡ଼ ଏସ୍‌ପି ପରମାର ପରମଜିତ ପୁରୁଷୋତ୍ତମ ଦାଶ, ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନଙ୍କ ସମେତ ବ୍ଲକ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚାଷୀଙ୍କ ଚେତାବନୀ: ବୀମାରାଶି ଦିଅ, ନିର୍ବାଚନ କର

ବରଗଡ଼ ଅଫିସ୍,୭।୬

ସମବାୟ ନିର୍ବାଚନ ଯେତିକି ପାଖେଇ ଆସୁଛି, ଏହାକୁ ନେଇ ବରଗଡ଼ ଜିଲାରେ ସେତିକି ଉଷ୍ମତା ବଢ଼ି ଚାଲିଛି। ଅନ୍ୟପଟେ ସମବାୟ ନିର୍ବାଚନକୁ ଜିଲାର ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବିରୋଧ କରାଯାଉଥିବା ଜଣାପଡ଼ିଛି। ଅଞ୍ଚଳର ମରୁଡ଼ି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ କରାଯାଇ ନ ଥିବା ଯୋଗୁ ଏଭଳି ଅସନ୍ତୋଷ ତେଜି ଉଠିଛି। ଜିଲାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତିରେ ଚାଷୀ ସଭ୍ୟମାନେ ଭୋଟ୍ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ବୀମା ସହାୟତା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ସମବାୟ ଭୋଟ୍ କରାଇ ଦେବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ମଙ୍ଗଳବାର ଜିଲାର ଗାଇସିଲେଟ ବ୍ଲକ ଅନ୍ତର୍ଗତ ଡାଙ୍ଗବାହାଲ ପ୍ରାଥମିକ ସେବା ସମବାୟ ସମିତିରେ ଭୋଟ୍ ବର୍ଜନ ନେଇ ଚାଷୀମାନେ ସ୍ଥାନୀୟ ନିର୍ବାଚନ ଅଧିକାରୀ ଶମ୍ଭୁ ବାଗଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ହୃଷିକେଶ ସାହୁ, ଅରବିନ୍ଦ ପଣ୍ଡା, ଦେବେନ୍ଦ୍ର କୁମାର ଯୋଶୀ, ସରୋଜ ଶ୍ରୀଭୂଷଣ ସାହୁ, ରବିନ୍ଦ୍ରନାଥ ଠାକୁର, କରମ ସିଂ ସାହୁ, ପୂର୍ଣ୍ଣାନନ୍ଦ ସିଂ ଠାକୁର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚାଷୀମାନେ ନିୟମିତ ବୀମା ପ୍ରିମିୟମ ଜମା କରିଆସୁଛନ୍ତି। ଗତବର୍ଷ ଖରିଫରେ ପଦ୍ମପୁର ଉପଖଣ୍ଡରେ ମରୁଡ଼ି ସ୍ଥିତି ଉପୁଜି ଥିବା ସତ୍ତ୍ୱେ ଅଞ୍ଚଳର ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ବୀମା କମ୍ପାନୀ ବୀମା ସହାୟତା ପ୍ରଦାନ କରିନାହିଁ। ଏହାର ପ୍ରତିବାଦରେ ଚାଷୀମାନେ ବିରୋଧ କରିବାରୁ ମଙ୍ଗଳବାର ଡାଙ୍ଗବାହାଲ ପ୍ରାଥମିକ ସେବା ସମବାୟ ସମିତିରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିପାରିନାହାନ୍ତି। ପୂର୍ବରୁ ଉକ୍ତ ବ୍ଲକ ଅଧୀନ ଗାଇସିଲେଟ, କଟାବାହାଲ, କୁଣ୍ଡାଖାଇ, ରାଜବୋଡ଼ାସମ୍ବର ବ୍ଲକର କନସିଂହା, ବରିକେଲ, ପାଇକମାଳ ବ୍ଲକ ଅଧୀନ ଲଖମରା ସମବାୟ ସମିତିରେ ମଧ୍ୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରି ପାରିନାହାନ୍ତି। ଆସନ୍ତା ୧୩ତାରିଖରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ପଦ୍ମପୁରରେ ଜେଲଭରୋ ଆନ୍ଦୋଳନ ରହିଥିବାବେଳେ ୧୯ତାରିଖରେ ହେବାକୁ ଥିବା ସମବାୟ ନିର୍ବାଚନକୁ ମଧ୍ୟ ଦୃଢ଼ ବିରୋଧ କରାଯିବ ବୋଲି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ଚେତାବନୀ ଦେଇଛି।


ଚାଷୀମାନେ ଡାଙ୍ଗବାହାଲରେ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# କାମ ସରିନି, ଭୁଶୁଡିଲା ବାଡ ସୌନ୍ଦର୍ଯ୍ୟକରଣ


ନିମ୍ନ ମାନର କାମ ଯୋଗୁ ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲ ସୌନ୍ଦର୍ଯ୍ୟକରଣ ବାଡ ଭୁଶୁଡି ପଡିଛି।

ଦେଓଗାଁ, ୭।୬(ଡି.ଏନ.ଏ.)

**ବଡବନ୍ଧ ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲରେ ୫ଟି କାମ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ବଡବନ୍ଧ ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲରେ ୫ଟି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଚାଲିଛି ସୌନ୍ଦର୍ଯ୍ୟକରଣ କାମ। ୪୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ନିମ୍ନ ମାନର ଯୋଗୁଁ କାମ ସରିବା ପୂର୍ବରୁ ସ୍କୁଲ ପରିସରରେ ନିର୍ମାଣ ହୋଇଥିବା ବାଡ ସୌନ୍ଦର୍ଯ୍ୟକରଣ ଭୁଶୁଡି ପଡିଛି । ଏହାସହ ଏହି ବିଦ୍ୟାଳୟରେ କୋଠରିଗୁଡିକରେ ସିଲିଂ କାମ ନିମ୍ନ ମାନର କରାଯାଇଥିବା ଅଭିଯୋଗ ହୋଇଛି। ସାମଗ୍ରୀ ଉନ୍ନତ ମାନର ହୋଇ ନ ଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏନେଇ ବିଭାଗୀୟ ଯନ୍ତ୍ରୀ ଗିରିଶ କୁମାର ପାତ୍ରଙ୍କୁ ପଚାରିବାରୁ ସୌନ୍ଦର୍ଯ୍ୟକରଣ କାମରେ ଆବଶ୍ୟକତାରୁ ଅଧିକ ମାଟି ଭର୍ତ୍ତି କରିଦେବାରୁ ପାର୍ଶ୍ୱ ବାଡ ଭାଙ୍ଗି ଯାଇଛି। ପୁନଶ୍ଚ ଠିକ୍ ଭାବେ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଛି ବୋଲି କହିଥିଲେ ।

# ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ସଭାରେ ଉପସ୍ଥିତି ଓଷ୍ଟା ସଂଘ କର୍ମକର୍ତ୍ତା।

ବିନିକା, ୭।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ହାଇସ୍କଲ ସଭାଗୃହରେ ମଙ୍ଗଳବାର ଜିଲା ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ହୋଇଯାଇଛି। ବୈଠକରେ ଜିଲା ଓଷ୍ଟା ସଂଘ ସଭାପତି ବୈଦ୍ୟନାଥ କର୍ଣ୍ଣ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ମୁଖ୍ୟବକ୍ତାଭାବେ ଜିଲା ଓଷ୍ଟା ସଂଘ ଉପଦେଷ୍ଟା ପ୍ରମୋଦ ପଣ୍ଡା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାଏକ ଓ ପୂର୍ବତନ ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ ଉପସ୍ଥିତ ଥିଲେ। ବୈଠକରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସରକାରୀ ସ୍କୁଲରେ ଶିକ୍ଷକ ନିଯୁକ୍ତି ନ ହେବା ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପୂର୍ବରୁ ଯେଉଁଭଳିଭାବେ ସରକାରୀ ସ୍କୁଲମାନଙ୍କରେ ସିଲେକ୍ସନ ବୋର୍ଡ ମାଧମରେ ଶିକ୍ଷକ ନିଯୁକ୍ତି ହେଉଥିଲା ଉକ୍ତ ପ୍ରକ୍ରିୟାକୁ କ୍ରିୟାଶୀଳ କରିବାକୁ ଦାବି କରାଯାଇଥିଲା। ଯଦି ଏହି ପ୍ରକ୍ରିୟାକୁ ଅନୁସରଣ କରା ନ ଯାଏ ତେବେ ଆଗାମୀ ୨ରୁ ୩ ବର୍ଷ ମଧରେ ଅନେକ ସରକାରୀ ସ୍କୁଲ ଶିକ୍ଷକଶୂନ୍ୟ ହୋଇ ବନ୍ଦ ହୋଇଯିବା ଆଶଙ୍କା କରାଯାଇଥିଲ। ଜିଲାର ସମସ୍ତ ସରକାରୀ ସ୍କୁଲକୁ ୫ଟି ପରିସରଭୁକ୍ତ କରି ନବକଳେବର କରାଯାଇ ଶିକ୍ଷା କ୍ଷେତ୍ରରେ ବିକାଶ ଆଣିବା ନେଇ ଆଲୋଚନା ହୋଇଥିଲା । ଏଥିସହିତ ସପ୍ତବେତନ କମିଶନ ସଠିକ ଭାବେ ଧାର୍ଯ୍ୟ କରି କରାଯିବା ନେଇ ଅଲୋଚନା ହୋଇଥିଲା। ଆଗାମୀ ୯ତାରିଖ ରାଜ୍ୟର ୫୦ହଜାର ଶିକ୍ଷକଙ୍କ ସମାଗମ ଭୁବନେଶ୍ୱରରେ ହେବା ନିର୍ଦ୍ଧାରିତ କରିଛି ଓଷ୍ଟା । ରାଜ୍ୟ ସରକାରଙ୍କ ସହ ଉପରୋକ୍ତ ସମସ୍ତ ସମସ୍ୟା ଆଲୋଚନା ଜରିଆରେ ଶିକ୍ଷକ ସଂଘ ସମାଧାନ କରିବାକୁ ଚେଷ୍ଟା କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜିଲା ଓଷ୍ଟା ସମ୍ପାଦକ ସୁଶୀଲ ବିଶି, ବିବରଣୀ ପାଠ ଉପସଭାପତି ଅଖୋଚ ପଧାନ ଓ ଧନ୍ୟବାଦ ଦେଇଥିଲେ କାର୍ଯ୍ୟକାରୀ ସଭାପତି ମୁରଲୀଧର ବଡମାଲି।

### ଅନ୍ତରାଡ଼ି ହତ୍ୟାକାଣ୍ଡ: ସୁଧାର ଗୃହକୁ ଗଲେ ନାବାଳକ

ଅମ୍ବାଭୋନା,୭।୬(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତରାଡ଼ି ଗ୍ରାମରେ ଗତ ୩ତାରିଖ ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଏଥିରେ ଜଣେ ନାବାଳକ(୧୬) ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ଉକ୍ତ ନାବାଳକଙ୍କୁ କୋର୍ଟରେ ହାଜର କରିବା ପରେ ମଙ୍ଗଳବାର ରାଉରକେଲା ସ୍ଥିତ ସୁଧାର ଗୃହକୁ ପଠାଇ ଦିଆଯାଇଛି। ପ୍ରକାଶଥାଉକି, ଘଟଣାଦିନ ରାତିରେ ଶୋଇଥିବା ବେଳେ ଅନ୍ତରାଡ଼ି ଗ୍ରାମର ସତ୍ୟାନନ୍ଦ ବନଛୋର(୪୦)ଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ନାବାଳକ ଜଣକ ସେଠାରୁ ଖସି ଯାଇଥିଲେ। ପୋଲିସ ମୃତକଙ୍କ ସ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା ଏବଂ ସମ୍ପୃକ୍ତ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅମ୍ବାଭୋନା ଥାନା ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୯୭।୨୨) ରୁଜୁ କରିବା ସହିତ ମୃତକଙ୍କ ସ୍ତ୍ରୀ ରମିଲାଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରୁଛି।

# ଅମୃତ ସରୋବର ପାଇଁ ଭୂମି ପୂଜନ


ଭୂମି ପୂଜନ କରାଯାଉଛି।

ନୂଆପଡ଼ା ଅଫିସ,୭।୬

ନୂଆପଡା ଜିଲା କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟକନପଡା ଗାଁ ବିଜୁ ଏକ୍ସପ୍ରେସ ୱେ କଡରେ ଅମୃତ ସରୋବର ପୋଖରୀ ଉଦ୍ଘାଟିତ। ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ତଥା କୋମନା ବ୍ଲକ ସରପଞ୍ଚ ସଂଘ ଉପସଭାପତି ରାୟଧର ବଘେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅମୃତ ସରୋବର ପାଇଁ ଭୂମି ପୂଜନ କରି ଉଦଘାଟନ କରାଯାଇଥିଲା। ଏହି ସୌନ୍ଦର୍ଯ୍ୟ ପୋଖରୀ ଦ୍ୱାରା ଲୋକେ ବହୁତ ଉପକୃତ ହେବେ ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି। ଏହି ପୋଖରୀ ବିଜୁ ଏକ୍ସପ୍ରେସ ୱେ କଡରେ ନିର୍ମାଣ ହେଉଥିବାରୁ ରାସ୍ତାରେ ଯାତାୟାତ କରୁଥିବା ପଥିକ ଓ ଯାନବାହନରେ ଯାତ୍ରା କରୁଥିବା ଯାତ୍ରୀ ମଧ୍ୟ ଉପଭୋଗ କରି ପାରିବେ। ଏହି ଅବସରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବାଳକରାମ ମାଝି, ସମିତି ସଭ୍ୟା ଭୁଗଲି ସୁନାନୀ, ଗୋବିନ୍ଦ ସାହୁ, ତ୍ରିଲୋଚନ ପ୍ରଧାନ, ବୈକୁଣ୍ଠ ନାଏକ, ଚନ୍ଦ୍ର ମାଝି, ରୁପଧର ମଲ୍ଲିକ, ଓକାର ସାହୁ, ରମେଶ ସାହୁ, ରାମଗୁଲାଲ ଶବର, ମିନାଲାଲ ତାଣ୍ଡି, ସନତ ସାହୁ, ଖିଲେଶ୍ୱର ପଟେଲ, ଭାନୁମତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରଥ ମରାମତି କାମ ତଦାରଖ କଲେ ଅତିରିକ୍ତ ଜିଲାପାଳ

ବୌଦ୍ଧ,୭।୬ (ସ୍ୱ.ପ୍ର.)

ଚଳିତବର୍ଷ ବୌଦ୍ଧରେ ରଥଯାତ୍ରାକୁ ମହାସମାରୋହରେ ପାଳନ କରିବା ପାଇଁ ଜିଲା ପ୍ରଶାସନ, ବ୍ରାହ୍ମଣ ସମାଜ ଓ ମନ୍ଦିର ପରିଚାଳନା କମଟି ପକ୍ଷରୁ ଉଦ୍ୟମ ଜାରି ରହିଛି। ମଙ୍ଗଳବାର ଦିନ ଅତିରିକ୍ତ ଜିଲାପାଳ ବବିତା ଦଳବେହେରା ରଥଖଳାକୁ ଯାଇ ରଥ ମରାମତିର ତଦାରଖ କରିଥିଲେ। ଗତ ଦୁଇବର୍ଷ ହେଲା କୋଭିଡ ମହାମାରୀ ଯୋଗୁ ରଥଯାତ୍ରା ବନ୍ଦ ରହିଥିବା ବେଳେ ରଥ ମରାମତି ହୋଇ ପାରି ନ ଥିଲା। ଗୋଟିଏ ଚକ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୪ ଗୋଟି ରଥଚକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରଥ ବେଢାର ଚଟାଣରେ ପଡିଥିବା ସମସ୍ତ ପଟ୍ଟାକୁ ପରିବର୍ତ୍ତନ କରାଯିବ ବୋଲି ଜଣାପଡିଛି। ତଦାରଖ ସମୟରେ ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ, ଜିଲା ବ୍ରାହ୍ମଣ ସମାଜର ସଭାପତି ଗୁରୁ ପ୍ରସାଦ ଦାଶ, ସଂପାଦକ ଦେବାଶିଷ ପୁରୋହିତ, ମନ୍ଦିର ପରିଚାଳନା କମଟିର ସଭାପତି ରଘୁନାଥ ଷଡଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ମନ୍ଦିର ପରିବେଶକୁ ସଫା କରିବା ପାଇଁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ପରିଷଦର କର୍ମଚାରୀଙ୍କ ସହିତ ଅତିରିକ୍ତ ଜିଲାପାଳ ଦଳବେହେରା, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବଳିଆରସିଂହ, ବ୍ରାହ୍ମଣ ସମାଜ ଓ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତାମାନେ ମିଳିତ ଭାବେ ମନ୍ଦିର ପରିବେଶକୁ ସଫା କରିଥିଲେ।


ଅତିରିକ୍ତ ଜିଲାପାଳ ରଥଖଳାରେ ରଥ କାମ ତଦାରଖ କରୁଛନ୍ତି।

### ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କୁ ସମ୍ବର୍ଦ୍ଧନା

ବରପାଲି,୭।୬(ଡି.ଏନ.ଏ.)

ବିଜେପୁର ବିଧାୟିକା ରୀତା ସାହୁଙ୍କୁ ହସ୍ତତନ୍ତ, ବୟନ ଶିଳ୍ପ ମନ୍ତ୍ରୀ ପଦ ମିଳିବା ପରେ ମଙ୍ଗଳବାର ତାଙ୍କର ପ୍ରଥମ ବରପାଲି ଗସ୍ତ ରହିଥିଲା। ଏହି କ୍ରମରେ ତାଙ୍କୁ ହଜାର ହଜାର ଜନସାଧାରଣ ଶୋଭାଯାତ୍ରାରେ ବରପାଲିକୁ ପାଛୋଟି ଆଣିଥିଲେ। ଶ୍ୟାମା ଛକରେ ଶ୍ୟାମା ମ୍ୟୁଜିକାଲ୍ସ, କାଳୀପୂଜା କମିଟି, ନୁପୁର ଅନୁଷ୍ଠାନ, କଳାଭୂମି, ମାରୱାଡ଼ି ସମାଜ ଭଳି ବହୁ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ତ୍ରୀ ସାହୁ ରାମପୁର ଦେଇ ବରପାଲି ମୁଖ୍ୟ ରାସ୍ତାରେ ଆସି କେନାଲ ରୋଡ୍ ନିକଟରେ ଥିବା ସୁବଳ ସାହୁ ଶିଶୁ ଉଦ୍ୟାନରେ ପହଞ୍ଚିଥିଲେ। ସେଠାରେ ସେ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ମନ୍ତ୍ରୀ ସାହୁ ଶିରିଡି ସାଇ ମନ୍ଦିର, ଦୁର୍ଗା ମନ୍ଦିର, ସମଲେଶରୀ ମନ୍ଦିର ଓ କପିଳେଶ୍ୱର ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିଥିଲେ।

# ଦୁଇ କୃତୀ ଭଉଣୀଙ୍କୁ ସମ୍ବର୍ଦ୍ଧନା


୨କୃତୀ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼ ଅଫିସ୍,୭।୬

କେରଳ ତିରୁଅନନ୍ତପୁରମଠାରେ ଅନୁଷ୍ଠିତ ମାଷ୍ଟର ଗେମ୍ସ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବରଗଡ଼ର ଦୁଇ ଭଉଣୀ ଅରୁଣା ଘିବିଲା ଏବଂ ଅନୁପମା ଘିବିଲାଙ୍କୁ ସୋମବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବରଗଡ଼ ମହିଳା କଲେଜରେ ପ୍ରାଧ୍ୟାପକ ପ୍ରଦୀପ ହୋତା, ସୁନିଲ କୁମାର ରଥ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ଭିଏସ୍‌ଏସ୍ ନଗର ଜନ କଲ୍ୟାଣ ଯୁବକ ସଂଘର କାଉନସିଲର ପ୍ରିୟା ତାଣ୍ଡି, କାଉନସିଲର କ୍ଷୀତେଶ୍ୱର କୁମ୍ଭାର, ବରିଷ୍ଠ ଆଡ଼ଭୋକେଟ୍ ବେଲାଲସେନ ସରାଫ ପ୍ରମୁଖ ସମ୍ବର୍ଦ୍ଧନା ଉପସ୍ଥିତ ଥିଲେ। ସେହିପରି ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାସ୍ତାକଡରେ ଠିଆ ହୋଇଥିଲେ, ମାଡିଗଲା ବସ୍

ଅମରପାଲି/ଉଲୁଣ୍ଡା ,୭/୬(ଡି.ଏନ.ଏ.)

**ଯୁବକ ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ନାଏକପଡା-ବିଶିପଡା ରାସ୍ତା ମଧବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ଦ୍ରୁତଗତିରେ ଆସୁଥିବା ଏକ ବସ୍ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଜଣେ ଯୁବକଙ୍କ ଉପରେ ମାଡି ଯାଇଥିଲା। ଫଳରେ ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନାୟକପଡା ଗାଁର ଅଭିମନ୍ୟୁ ସାହୁ(୩୪)। ଅପରପକ୍ଷରେ ଦୁର୍ଘଟଣା ଘଟଣାଇବା ପରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ସୂଚନା ଅନୁସାରେ ପତି ଟ୍ରାଭେଲ୍ସ ନାମକ ଘରୋଇ ବସ ବାହାଘର ରିଜର୍ଭ ସାରି ବୀରମହାରାଜପୁରକୁ ଫେରୁଥିଲା। ଗାଡିରେ କୌଣସି ଯାତ୍ରୀ ନଥିବାବେଳେ ଦ୍ରୁତଗତିରେ ଆସୁଥିବା ଜଣାପଡିଛି। ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ସୁବର୍ଣ୍ଣପୁର-ସମ୍ବଲପୁର ରାସ୍ତାର ନାୟକପଡାରେ ରାସ୍ତାରୋକୋ କରିଛନ୍ତି। ଘଟଣାସ୍ଥଳରେ ବୀରମହରାଜପୁର ଆଇଆଇସି ଅଞ୍ଜଳି କୁମ୍ଭାର, ଉଲୁଣ୍ଡା ଥାନା ଆଇଆଇସି ଚନ୍ଦ୍ରମୋହନ ସିଂ, ଉଲୁଣ୍ଡା ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାତି ୧୦ଟା ସୁଦ୍ଧା ରାସ୍ତରୋକୋ ଜାରି ରହିଛି।


କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

# ଲୋକଙ୍କ ପାଖକୁ ପହଞ୍ଚିବ ଲୋକାଭିମୁଖୀ ଯୋଜନା

**ଅତାବିରାରେ ମୋଦି ସରକାରଙ୍କ ଅଷ୍ଟମ ବର୍ଷ ପୂର୍ତ୍ତି ପାଳନ**

ସରଣ୍ଡା/ଜାମଟିକ୍ରା, ୭।୬(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଲାଦେରପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ମଙ୍ଗଳବାର କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ନିର୍ବାଚନ ମଣ୍ଡଳୀସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶର ଶତପଥୀ, ମିଳନ ସେଟ, ଜିଲା ସାଧାରଣ ସମ୍ପାଦକ ଏସ୍‌ସି ମୋର୍ଚ୍ଚା କୁଶ କୁମ୍ଭାର, ଜିଲା ସମ୍ପାଦକ ଯଶୋବନ୍ତ ସେଟ, କ୍ଷୀରେଶ୍ୱରୀ ସ୍ୱାଇଁ, ଭାଜପା ନେତା ତଥା ଜିଲା ଲେବର ସେଲ୍ ସଂଯୋଜକ ଉର୍କୁଲୁ ତାଣ୍ଡି, ଭେଡେନ ବ୍ଲକ ଏମ୍‌ପି ପ୍ରତିନିଧି ବିପିନ ଭୋସାଗର, ସଂକୀର୍ତ୍ତା ମଣ୍ଡଳ ସାଧାରଣ ସମ୍ପାଦକ ଚନ୍ଦ୍ର ତାଣ୍ଡି, ଏସ୍‌ସି ମୋର୍ଚ୍ଚା ସଭାପତି ଶତୃଘନ ରନବିଡା, ହୃଷିକେଶ ଦୀପ, ମିଡିଆ ସଂଯୋଜକ ଅର୍ଜୁନ ବାଗ, ଅତାବିରା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ମଣ୍ଡଳ ସଭାପତି ଦୀପକ କୁମାର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ୮ବର୍ଷର ସେବା, ସୁଶାସନ, ଜନକଲ୍ୟାଣ କାର୍ଯ୍ୟକ୍ରମକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଦଳୀୟ ନେତୃବୃନ୍ଦ କହିଥିଲେ।


ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

## ସଂକ୍ଷେପରେ

### ଜରାସିଂହାରୁ ଚୋରି, ବହଲି ଛକରେ ମାରଣାସ୍ତ୍ର ଦେଖାଇ ଲୁଟ୍

**ଦେଓଗାଁ, ୭।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବସଷ୍ଟାଣ୍ଡର ଏକ ଦୋକାନରୁ ଚୋରି ଉଦ୍ୟମ ଫେଲ୍ ମାରିବା ପରେ ଜରାସିଂହା ହାଇସ୍କୁଲ ଛକରେ ଥିବା ଏକ ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସୂଚନା ଅନୁସାରେ ଦେଓଗାଁ ବସଷ୍ଟାଣ୍ଡ ନିକଟରେ ବିରେନ ପାତ୍ରଙ୍କ ଏମଏମଏସ ମୋବାଇଲ ଦୋକାନକୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ତାଲାଗୁଡିକୁ କର୍ତ୍ତରରେ କାଟିଥିଲେ। ହେଲେ କବାଟର ଭିତର ପଟରୁ ଲକ୍ ହୋଇଥିବାରୁ ଚୋର ମାନେ କବାଟ ଖୋଲି ପାରି ନ ଥିଲେ। ସେପରି ଏହି ଦିନ ଜରାସିଂହା ହାଇସ୍କୁଲ ଛକରେ ଥିବା ନରେଶ ସାଙ୍କ ପାନ ଦୋକାନର କବାଟ ଭାଙ୍ଗି ଅନେକ ସାମଗ୍ରୀ ଚୋରି କରି ନେଇଥିବା ନରେଶ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଚୋରୀ ଘଟଣା ଗୋଟିଏ ଦଳର କାର୍ଯ୍ୟ ବୋଲି ଅନୁମାନ କରାଯାଉଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସଇଁତଲା ପଟରୁ ରୂପା ସାମଗ୍ରୀ ବିକ୍ରି କରି ଫେରୁଥିବାବେଳେ ଦେଓଗାଁର ବସୁ ପାତ୍ରଙ୍କୁ ବହଲି ଛକ ୨୬ ନଂ ଜାତୀୟ ରାଜପଥରେ ଜଣେ ମୁଖା ପିନ୍ଧା ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ୫ ହଜାର ଟଙ୍କା ଓ ରୂପା ସାମଗ୍ରୀ ଲୁଟ୍ ନେଇଥିବା ଥାନାରେ ଅଭିଯୋଗ ହୋଇଛି।

### ନୃସିଂହନାଥ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ

**ପାଇକମାଲ, ୭।୫(ଡି.ଏନ.ଏ.):** ପାଇକମାଲ ବ୍ଲକ ନୃସିଂହନାଥ ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ନୃସିଂହନାଥ ଭୋଗମଣ୍ଡପଠାରେ ଏବିଡିଓ ଦେବାଶିଶ ସିହ୍ନାଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଲ ମାଉସୀ ମା' ମନ୍ଦିର କମିଟି ସଦସ୍ୟ ଓ ଅନ୍ୟ ଜଗନ୍ନାଥ ସେବକମାନେ ଯୋଗଦାନ କରିଥିଲେ। ନୃସିଂହନାଥରୁ ପାଇକମାଲ ୪ କି.ମି. ଦୂର ରଥଯାତ୍ରା ହେଉଥିବାରୁ ଯାତାୟାତ ଶୃଙ୍ଖଳିତ ଭାବେ କରାଯିବା ପାଇଁ ମତପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗୋଟିଏ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ମାଉସୀ ମା' ଓ ନୃସିଂହନାଥ ରଥଯାତ୍ରା କମିଟି ମିଳିତ ଭାବେ ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା କରିବା ପାଇଁ ଆଲୋଚନା କରାଯାଇଥିଲା। ବିନୋଦ କାଳିଆ, ଗୌତମ ସିଂ, ରାଜେନ୍ଦ୍ର ରାଉତ, ସନ୍ତୋଷ ପାଣିଗ୍ରାହୀ, କୁସୁମ ରାଓ, ସରତ ବଡପଣ୍ଡା, ନରେନ୍ଦ୍ର ସାହୁ, ଗିରିଶ ନାୟକ, ଗୋବର୍ଦ୍ଧନ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ଚିତ୍ତ ସରାଫ, ମାତୃପ୍ରସାଦ ରଥ, ବଡ ଶତପଥି, ସୁରଥ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସୋହେଲାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ସୋହେଲା,୭।୬(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ୩୦ଜଣଙ୍କ ଅଭିଯୋଗ ଶୁଣିଥିଲେ ଏବଂ ସେ ନେଇ ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କନଗାଁ ପଞ୍ଚାୟତ ବାଦିପାଲି ଗ୍ରାମର ଦିବ୍ୟାଙ୍ଗ ଅଲେଖ ବାଗଙ୍କୁ ଜିଲାପାଳ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ବରଗଡ଼ ଏସ୍‌ପି ପରମାର ପରମଜିତ ପୁରୁଷୋତ୍ତମ ଦାଶ, ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନଙ୍କ ସମେତ ବ୍ଲକ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚାଷୀଙ୍କ ଚେତାବନୀ: ବୀମାରାଶି ଦିଅ, ନିର୍ବାଚନ କର

**ବରଗଡ଼ ଅଫିସ୍,୭।୬**

ସମବାୟ ନିର୍ବାଚନ ଯେତିକି ପାଖେଇ ଆସୁଛି, ଏହାକୁ ନେଇ ବରଗଡ଼ ଜିଲାରେ ସେତିକି ଉଷ୍ମତା ବଢ଼ି ଚାଲିଛି। ଅନ୍ୟପଟେ ସମବାୟ ନିର୍ବାଚନକୁ ଜିଲାର ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବିରୋଧ କରାଯାଉଥିବା ଜଣାପଡ଼ିଛି। ଅଞ୍ଚଳର ମରୁଡ଼ି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ କରାଯାଇ ନ ଥିବା ଯୋଗୁ ଏଭଳି ଅସନ୍ତୋଷ ତେଜି ଉଠିଛି। ଜିଲାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତିରେ ଚାଷୀ ସଭ୍ୟମାନେ ଭୋଟ୍ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ବୀମା ସହାୟତା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ସମବାୟ ଭୋଟ୍ କରାଇ ଦେବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ମଙ୍ଗଳବାର ଜିଲାର ଗାଇସିଲେଟ ବ୍ଲକ ଅନ୍ତର୍ଗତ ଡାଙ୍ଗବାହାଲ ପ୍ରାଥମିକ


ଚାଷୀମାନେ ଡାଙ୍ଗବାହାଲରେ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ସେବା ସମବାୟ ସମିତିରେ ଭୋଟ୍ ବର୍ଜନ ନେଇ ଚାଷୀମାନେ ସ୍ଥାନୀୟ ନିର୍ବାଚନ ଅଧିକାରୀ ଶମ୍ଭୁ ବାଗଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ହୃଷିକେଶ ସାହୁ, ଅରବିନ୍ଦ ପଣ୍ଡା, ଦେବେନ୍ଦ୍ର କୁମାର ଯୋଶୀ, ସରୋଜ ଶ୍ରୀଭୂଷଣ ସାହୁ, ରବିନ୍ଦ୍ରନାଥ ଠାକୁର, କରମ ସିଂ ସାହୁ, ପୂର୍ଣ୍ଣାନନ୍ଦ ସିଂ ଠାକୁର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଚାଷୀମାନେ ନିୟମିତ ବୀମା ପ୍ରିମିୟମ ଜମା କରିଆସୁଛନ୍ତି। ଗତବର୍ଷ ଖରିଫରେ ପଦ୍ମପୁର ଉପଖଣ୍ଡରେ ମରୁଡ଼ି ସ୍ଥିତି ଉପୁଜି ଥିବା ସତ୍ତ୍ୱେ ଅଞ୍ଚଳର ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ବୀମା କମ୍ପାନୀ ବୀମା ସହାୟତା ପ୍ରଦାନ କରିନାହିଁ। ଏହାର ପ୍ରତିବାଦରେ ଚାଷୀମାନେ ବିରୋଧ କରିବାରୁ ମଙ୍ଗଳବାର ଡାଙ୍ଗବାହାଲ ପ୍ରାଥମିକ ସେବା ସମବାୟ ସମିତିରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିପାରିନାହାନ୍ତି। ପୂର୍ବରୁ ଉକ୍ତ ବ୍ଲକ ଅଧୀନ ଗାଇସିଲେଟ, କଟାବାହାଲ, କୁଣ୍ଡାଖାଇ, ରାଜବୋଡ଼ାସମ୍ବର ବ୍ଲକର କନସିଂହା, ବରିକେଲ, ପାଇକମାଲ ବ୍ଲକ ଅଧୀନ ଲଖମରା ସମବାୟ ସମିତିରେ ମଧ୍ୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରି ପାରିନାହାନ୍ତି। ଆସନ୍ତା ୧୩ତାରିଖରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ପଦ୍ମପୁରରେ ଜେଲଭରୋ ଆନ୍ଦୋଳନ ରହିଥିବାବେଳେ ୧୯ତାରିଖରେ ହେବାକୁ ଥିବା ସମବାୟ ନିର୍ବାଚନକୁ ମଧ୍ୟ ଦୃଢ଼ ବିରୋଧ କରାଯିବ ବୋଲି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ଚେତାବନୀ ଦେଇଛି।

# ଜାତୀୟ ସ୍ତର ପ୍ରତିଯୋଗିତାରେ ଭାଗନେବେ ୩ ଛାତ୍ର


କର୍ମକର୍ତ୍ତାଙ୍କ ସହିତ କୃତି ଛାତ୍ର।

**ସୋନପୁର,୭।୬(ନି.ପ୍ର.)**

### ଜୁଡୋ କରାଟେ ସ୍କୁଲର ସଫଳତା

ରାଜ୍ୟସ୍ତରୀୟ ମୁଏଥାଇ ବକ୍ସିଂ ପ୍ରତିଯୋଗିତାରେ ସୋନପୁର ଜୁଡୋ ଏଣ୍ଡ କରାଟେ ସ୍କୁଲକୁ ସଫଳତା ମିଳିଛି। ଜୁନ୍ ୪ ଓ ୫ ତାରିଖରେ ବରଗଡ ଜିଲାର ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରେ ୧୦ମ ରାଜ୍ୟ ମୁଏଥାଇ ବକ୍ସିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୋନପୁର ଜୁଡୋ ଏଣ୍ଡ କରାଟେ ସ୍କୁଲର ଶିକ୍ଷକ ସୁରଜ ପୂଝାରୀଙ୍କ ନେତୃତ୍ୱରେ ୩ ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଖେଳାଳି ନିଳାଦ୍ରୀ ଚନ୍ଦ୍ର ପାତ୍ର ସ୍ୱର୍ଣ୍ଣ ପଦକ ଏବଂ ନିମେଇ ଚରଣ ମହାକୁର ଓ ମିଳନ କୁମାର ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହିତ ନିଳାଦ୍ରୀ, ନିମେଇ ଓ ମିଳନ ଆସନ୍ତା ୧୬ ରୁ ୨୨ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଦେୱାସ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ମୁଏଥାଇ ବକ୍ସିଂ ପ୍ରତିଯୋଗିତାରେ ଓଡିଶା ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନିତ ହୋଇଛନ୍ତି । ଜୁଡୋ ଏଣ୍ଡ କରାଟେ ସ୍କୁଲର ସଭାପତି ସୁକାନ୍ତ କୁମାର ସାହୁ ଓ କର୍ମକର୍ତ୍ତା ବୃନ୍ଦ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

# ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ସଭାରେ ଉପସ୍ଥିତି ଓଷ୍ଟା ସଂଘ କର୍ମକର୍ତ୍ତା।

**ବିନିକା, ୭।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ହାଇସ୍କଲ ସଭାଗୃହରେ ମଙ୍ଗଳବାର ଜିଲା ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ହୋଇଯାଇଛି। ବୈଠକରେ ଜିଲା ଓଷ୍ଟା ସଂଘ ସଭାପତି ବୈଦ୍ୟନାଥ କର୍ଣ୍ଣ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ମୁଖ୍ୟବକ୍ତାଭାବେ ଜିଲା ଓଷ୍ଟା ସଂଘ ଉପଦେଷ୍ଟା ପ୍ରମୋଦ ପଣ୍ଡା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ ଓ ପୂର୍ବତନ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଉପସ୍ଥିତ ଥିଲେ। ବୈଠକରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସରକାରୀ ସ୍କୁଲରେ ଶିକ୍ଷକ ନିଯୁକ୍ତି ନ ହେବା ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପୂର୍ବରୁ ଯେଉଁଭଳିଭାବେ ସରକାରୀ ସ୍କୁଲମାନଙ୍କରେ ସିଲେକ୍ସନ ବୋର୍ଡ ମାଧ୍ୟମରେ ଶିକ୍ଷକ ନିଯୁକ୍ତି ହେଉଥିଲା ଉକ୍ତ ପ୍ରକ୍ରିୟାକୁ କ୍ରିୟାଶୀଳ କରିବାକୁ ଦାବି କରାଯାଇଥିଲା। ଯଦି ଏହି ପ୍ରକ୍ରିୟାକୁ ଅନୁସରଣ କରା ନ ଯାଏ ତେବେ ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଅନେକ ସରକାରୀ ସ୍କୁଲ ଶିକ୍ଷକଶୂନ୍ୟ ହୋଇ ବନ୍ଦ ହୋଇଯିବା ଆଶଙ୍କା କରାଯାଇଥିଲ। ଜିଲାର ସମସ୍ତ ସରକାରୀ ସ୍କୁଲକୁ ୫ଟି ପରିସରଭୁକ୍ତ କରି ନବକଳେବର କରାଯାଇ ଶିକ୍ଷା କ୍ଷେତ୍ରରେ ବିକାଶ ଆଣିବା ନେଇ ଆଲୋଚନା ହୋଇଥିଲା । ଏଥିସହିତ ସପ୍ତବେତନ କମିଶନ ସଠିକ ଭାବେ ଧାର୍ଯ୍ୟ କରି କରାଯିବା ନେଇ ଅଲୋଚନା ହୋଇଥିଲା। ଆଗାମୀ ୯ତାରିଖ ରାଜ୍ୟର ୫୦ହଜାର ଶିକ୍ଷକଙ୍କ ସମାଗମ ଭୁବନେଶ୍ୱରରେ ହେବା ନିର୍ଦ୍ଧାରିତ କରିଛି ଓଷ୍ଟା । ରାଜ୍ୟ ସରକାରଙ୍କ ସହ ଉପରୋକ୍ତ ସମସ୍ତ ସମସ୍ୟା ଆଲୋଚନା ଜରିଆରେ ଶିକ୍ଷକ ସଂଘ ସମାଧାନ କରିବାକୁ ଚେଷ୍ଟା କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜିଲା ଓଷ୍ଟା ସମ୍ପାଦକ ସୁଶୀଲ ବିଶି, ବିବରଣୀ ପାଠ ଉପସଭାପତି ଅଖୋଚ ପଧାନ ଓ ଧନ୍ୟବାଦ ଦେଇଥିଲେ କାର୍ଯ୍ୟକାରୀ ସଭାପତି ମୁରଲୀଧର ବଡମାଲି।

### ଅନ୍ତରାଡ଼ି ହତ୍ୟାକାଣ୍ଡ: ସୁଧାର ଗୃହକୁ ଗଲେ ନାବାଳକ

**ଅମ୍ବାଭୋନା,୭।୬(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତରାଡ଼ି ଗ୍ରାମରେ ଗତ ୩ତାରିଖ ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଏଥିରେ ଜଣେ ନାବାଳକ(୧୬) ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ଉକ୍ତ ନାବାଳକଙ୍କୁ କୋର୍ଟରେ ହାଜର କରିବା ପରେ ମଙ୍ଗଳବାର ରାଉରକେଲା ସ୍ଥିତ ସୁଧାର ଗୃହକୁ ପଠାଇ ଦିଆଯାଇଛି।

ପ୍ରକାଶଥାଉକି, ଘଟଣାଦିନ ରାତିରେ ଶୋଇଥିବା ବେଳେ ଅନ୍ତରାଡ଼ି ଗ୍ରାମର ସତ୍ୟାନନ୍ଦ ବନଛୋର(୪୦)ଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ନାବାଳକ ଜଣକ ସେଠାରୁ ଖସି ଯାଇଥିଲେ। ପୋଲିସ ମୃତକଙ୍କ ସ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା ଏବଂ ସମ୍ପୃକ୍ତ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅମ୍ବାଭୋନା ଥାନା ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୯୭।୨୨) ରୁଜୁ କରିବା ସହିତ ମୃତକଙ୍କ ସ୍ତ୍ରୀ ରମିଳାଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରୁଛି।

# ସରପଞ୍ଚଙ୍କୁ ପ୍ରକୃତିବନ୍ଧୁ ସମ୍ମାନ


ସରପଞ୍ଚ ପ୍ରକୃତିବନ୍ଧୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଅମ୍ବାଭୋନା,୭।୬(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଉତ୍ତମ ପଞ୍ଚାୟତର ସରପଞ୍ଚ ହୀରାଧର ସାହୁଙ୍କୁ ପ୍ରକୃତିବନ୍ଧୁ ସମ୍ମାନ ପ୍ରଦାନ କରାଯାଇଛି। ରବିବାର ବରଗଡ଼ ଜର୍ଜ ହାଇସ୍କୁଲରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ ପାଳନ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ବାବଦକୁ ତାଙ୍କୁ ୧୦ହଜାର ଟଙ୍କାର ଏକ ଚେକ୍, ମାନପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲା ଜଜ୍ ଆକାଂକ୍ଷିତ ମିଶ୍ର ମୁଖ୍ୟ ଅତିଥି, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ, ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ, ସହାୟକ ବନ ସଂରକ୍ଷକ ରାଜେନ୍ଦ୍ର ଗୋଚ୍ଛାୟତ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

# ରଥ ମରାମତି କାମ ତଦାରଖ କଲେ ଅତିରିକ୍ତ ଜିଲାପାଳ

**ବୌଦ୍ଧ,୭।୬ (ସ୍ୱ.ପ୍ର.)**

ଚଳିତବର୍ଷ ବୌଦ୍ଧରେ ରଥଯାତ୍ରାକୁ ମହାସମାରୋହରେ ପାଳନ କରିବା ପାଇଁ ଜିଲା ପ୍ରଶାସନ, ବ୍ରାହ୍ମଣ ସମାଜ ଓ ମନ୍ଦିର ପରିଚାଳନା କମଟି ପକ୍ଷରୁ ଉଦ୍ୟମ ଜାରି ରହିଛି। ମଙ୍ଗଳବାର ଦିନ ଅତିରିକ୍ତ ଜିଲାପାଳ ବବିତା ଦଳବେହେରା ରଥଖଳାକୁ ଯାଇ ରଥ ମରାମତିର ତଦାରଖ କରିଥିଲେ। ଗତ ଦୁଇବର୍ଷ ହେଲା କୋଭିଡ ମହାମାରୀ ଯୋଗୁ ରଥଯାତ୍ରା ବନ୍ଦ ରହିଥିବା ବେଳେ ରଥ ମରାମତି ହୋଇ ପାରି ନ ଥିଲା। ଗୋଟିଏ ଚକ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୪ ଗୋଟି ରଥଚକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରଥ ବେଢାର ଚଟାଣରେ ପଡିଥିବା ସମସ୍ତ ପଟ୍ଟାକୁ ପରିବର୍ତ୍ତନ କରାଯିବ ବୋଲି ଜଣାପଡିଛି। ତଦାରଖ ସମୟରେ ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ, ଜିଲା


ଅତିରିକ୍ତ ଜିଲାପାଳ ରଥଖଳାରେ ରଥ କାମ ତଦାରଖ କରୁଛନ୍ତି।

ବ୍ରାହ୍ମଣ ସମାଜର ସଭାପତି ଗୁରୁ ପ୍ରସାଦ ଦାଶ, ସଂପାଦକ ଦେବାଶିଷ ପୁରୋହିତ, ମନ୍ଦିର ପରିଚାଳନା କମଟିର ସଭାପତି ରଘୁନାଥ ଷଡଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ମନ୍ଦିର ପରିବେଶକୁ ସଫା କରିବା ପାଇଁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ପରିଷଦର କର୍ମଚାରୀଙ୍କ ସହିତ ଅତିରିକ୍ତ ଜିଲାପାଳ ଦଳବେହେରା, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବଳିଆରସିଂହ, ବ୍ରାହ୍ମଣ ସମାଜ ଓ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତାମାନେ ମିଳିତ ଭାବେ ମନ୍ଦିର ପରିବେଶକୁ ସଫା କରିଥିଲେ।

### ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କୁ ସମ୍ବର୍ଦ୍ଧନା

**ବରପାଲି,୭।୬(ଡି.ଏନ.ଏ.)**

ବିଜେପୁର ବିଧାୟିକା ରୀତା ସାହୁଙ୍କୁ ହସ୍ତତନ୍ତ, ବୟନ ଶିଳ୍ପ ମନ୍ତ୍ରୀ ପଦ ମିଳିବା ପରେ ମଙ୍ଗଳବାର ତାଙ୍କର ପ୍ରଥମ ବରପାଲି ଗସ୍ତ ରହିଥିଲା। ଏହି କ୍ରମରେ ତାଙ୍କୁ ହଜାର ହଜାର ଜନସାଧାରଣ ଶୋଭାଯାତ୍ରାରେ ବରପାଲିକୁ ପାଛୋଟି ଆଣିଥିଲେ। ଶ୍ୟାମା ଛକରେ ଶ୍ୟାମା ମ୍ୟୁଜିକାଲ୍ସ, କାଳୀପୂଜା କମିଟି, ନୁପୁର ଅନୁଷ୍ଠାନ, କଳାଭୂମି, ମାରୱାଡ଼ି ସମାଜ ଭଳି ବହୁ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ତ୍ରୀ ସାହୁ ରାମପୁର ଦେଇ ବରପାଲି ମୁଖ୍ୟ ରାସ୍ତାରେ ଆସି କେନାଲ ରୋଡ୍ ନିକଟରେ ଥିବା ସୁବଳ ସାହୁ ଶିଶୁ ଉଦ୍ୟାନରେ ପହଞ୍ଚିଥିଲେ। ସେଠାରେ ସେ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ମନ୍ତ୍ରୀ ସାହୁ ଶିରିଡି ସାଇ ମନ୍ଦିର, ଦୁର୍ଗା ମନ୍ଦିର, ସମଲେଶରୀ ମନ୍ଦିର ଓ କପିଳେଶ୍ୱର ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିଥିଲେ।

# ଦୁଇ କୃତୀ ଭଉଣୀଙ୍କୁ ସମ୍ବର୍ଦ୍ଧନା


୨କୃତୀ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବରଗଡ଼ ଅଫିସ୍,୭।୬**

କେରଳ ତିରୁଅନନ୍ତପୁରମଠାରେ ଅନୁଷ୍ଠିତ ମାଷ୍ଟର ଗେମ୍ସ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବରଗଡ଼ର ଦୁଇ ଭଉଣୀ ଅରୁଣା ଘିବିଲା ଏବଂ ଅନୁପମା ଘିବିଲାଙ୍କୁ ସୋମବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବରଗଡ଼ ମହିଳା କଲେଜରେ ପ୍ରାଧ୍ୟାପକ ପ୍ରଦୀପ ହୋତା, ସୁନିଲ କୁମାର ରଥ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ଭିଏସ୍ଏସ୍ ନଗର ଜନ କଲ୍ୟାଣ ଯୁବକ ସଂଘର କାଉନସିଲର ପ୍ରିୟା ତାଣ୍ଡି, କାଉନସିଲର କ୍ଷୀତେଶ୍ୱର କୁମ୍ଭାର, ବରିଷ୍ଠ ଆଡ଼ଭୋକେଟ୍ ବେଲାଲସେନ ସରାଫ ପ୍ରମୁଖ ସମ୍ବର୍ଦ୍ଧନା ଉପସ୍ଥିତ ଥିଲେ। ସେହିପରି ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାସ୍ତାକଡରେ ଠିଆ ହୋଇଥିଲେ, ମାଡିଗଲା ବସ୍

**ଅମରପାଲି/ଉଲୁଣ୍ଡା ,୭/୬(ଡି.ଏନ.ଏ.)**

### ଯୁବକ ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ନାଏକପଡା-ବିଶିପଡା ରାସ୍ତା ମଧ୍ୟବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ଦ୍ରୁତଗତିରେ ଆସୁଥିବା ଏକ ବସ୍ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଜଣେ ଯୁବକଙ୍କ ଉପରେ ମାଡି ଯାଇଥିଲା। ଫଳରେ ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନାୟକପଡା ଗାଁର ଅଭିମନ୍ୟୁ ସାହୁ(୩୪)। ଅପରପକ୍ଷରେ ଦୁର୍ଘଟଣା ଘଟାଇବା ପରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ସୂଚନା ଅନୁସାରେ ପତି ଟ୍ରାଭେଲ୍ସ ନାମକ ଘରୋଇ ବସ ବାହାଘର ରିଜର୍ଭ ସାରି ବୀରମହାରାଜପୁରକୁ ଫେରୁଥିଲା। ଗାଡିରେ କୌଣସି ଯାତ୍ରୀ ନଥିବାବେଳେ ଦ୍ରୁତଗତିରେ ଆସୁଥିବା ଜଣାପଡିଛି। ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ସୁବର୍ଣ୍ଣପୁର-ସମ୍ବଲପୁର ରାସ୍ତାର ନାୟକପଡାରେ ରାସ୍ତାରୋକୋ କରିଛନ୍ତି। ଘଟଣାସ୍ଥଳରେ ବୀରମହାରାଜପୁର ଆଇଆଇସି ଅଞ୍ଜଳି କୁମ୍ଭାର, ଉଲୁଣ୍ଡା ଥାନା ଆଇଆଇସି ଚନ୍ଦ୍ରମୋହନ ସିଂ, ଉଲୁଣ୍ଡା ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାତି ୧୦ଟା ସୁଦ୍ଧା ରାସ୍ତରୋକୋ ଜାରି ରହିଛି।


କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

# ଲୋକଙ୍କ ପାଖକୁ ପହଞ୍ଚିବ ଲୋକାଭିମୁଖୀ ଯୋଜନା

### ଅତାବିରାରେ ମୋଦି ସରକାରଙ୍କ ଅଷ୍ଟମ ବର୍ଷ ପୂର୍ତ୍ତି ପାଳନ

**ସରଣ୍ଡା/ଜାମଟିକ୍ରା, ୭।୬(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଲାଦେରପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ମଙ୍ଗଳବାର କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ନିର୍ବାଚନ ମଣ୍ଡଳୀସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶର ଶତପଥୀ, ମିଳନ


ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ସେଟ, ଜିଲା ସାଧାରଣ ସମ୍ପାଦକ ଏସ୍‌ସି ମୋର୍ଚ୍ଚା କୁଶ କୁମ୍ଭାର, ଜିଲା ସମ୍ପାଦକ ଯଶୋବନ୍ତ ସେଟ, କ୍ଷୀରେଶ୍ୱରୀ ସ୍ୱାଇଁ, ଭାଜପା ନେତା ତଥା ଜିଲା ଲେବର ସେଲ୍ ସଂଯୋଜକ ଉର୍କୁଲୁ ତାଣ୍ଡି, ଭେଡେନ ବ୍ଲକ ଏମ୍‌ପି ପ୍ରତିନିଧି ବିପିନ ଭୋସାଗର, ସଂକୀର୍ତ୍ତା ମଣ୍ଡଳ ସାଧାରଣ ସମ୍ପାଦକ ଚନ୍ଦ୍ର ତାଣ୍ଡି, ଏସ୍‌ସି ମୋର୍ଚ୍ଚା ସଭାପତି ଶତୃଘନ ରନବିଡା, ହୃଷିକେଶ ଦୀପ, ମିଡିଆ ସଂଯୋଜକ ଅର୍ଜୁନ ବାଗ, ଅତାବିରା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ମଣ୍ଡଳ ସଭାପତି ଦୀପକ କୁମାର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ୮ବର୍ଷର ସେବା, ସୁଶାସନ, ଜନକଲ୍ୟାଣ କାର୍ଯ୍ୟକ୍ରମକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଦଳୀୟ ନେତୃବୃନ୍ଦ କହିଥିଲେ।